ଧରିତ୍ରୀ
DHARITRI
September 26- October 2, 2021 ₹ 2/-

# ଗାନ୍ଧୀ ପଥର ପଥିକ

ଗାନ୍ଧିଜୀଙ୍କୁ କିଏ ତାଙ୍କ ଖାଦ୍ୟଶୈଳୀରୁ ବୁଝିଲେ ତ କିଏ ତାଙ୍କ ବସ୍ତ୍ର ପିନ୍ଧିବାରୁ ବୁଝିଲେ । ହେଲେ ଗାନ୍ଧୀ ଚିନ୍ତାଧାରା ଆସ୍ତେ ଆସ୍ତେ ଗୌଣ ହୋଇଗଲା । ତଥାପି କିଛି ଗାନ୍ଧୀ ଆଦର୍ଶର ମଣିଷ ଅଛନ୍ତି, ଯେଉଁମାନେ ତାଙ୍କ କଥାକୁ ନେଇ, ତତ୍ତ୍ୱକୁ ନେଇ ନୀରବ ସଂଗ୍ରାମ କରିଚାଲିଛନ୍ତି...

୩
ପ୍ରଚ୍ଛଦ ପ୍ରସଙ୍ଗ

# ଦିଗ ଅନୁଯାୟୀ ଫଳ

**ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏହିପରି ଚାରି ଦିଗ ରହିଛି। ଆଉ ପ୍ରତି ଦିଗର କିଛି ନା କିଛି ପ୍ରଭାବ ଆମ ଜୀବନଶୈଳୀ ଓ ଘର ଉପରେ ରହିଛି ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ଅଛି; ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* ଧନ ଓ ସମୃଦ୍ଧିର ଦେବତା କୁବେର ହେଲେ ଉତ୍ତର ଦିଗର ସ୍ୱାମୀ। ସେଥିପାଇଁ ଘରର ଆଲମିରା ବା ଟ୍ରେଜେରିକୁ ଏହି ଦିଗରେ ରଖିଲେ ଘରେ କେବେ ବି ଧନର ଅଭାବ ଦେଖାଯାଇ ନ ଥାଏ।
* କିନ୍ତୁ ଯଦି ଭୁଲ୍‌ବଶତଃ ଘରର ଦକ୍ଷିଣ ଦିଗରେ ଟ୍ରେଜେରି ବା ଆଲମିରା ରହିଯାଇଛି, ତା'ହେଲେ ସେ କ୍ଷେତ୍ରରେ ଆପଣ ଆଲମିରା ଭିତରେ ମୟୂରପୁଚ୍ଛକୁ ସିଧା ଭାବେ ଠିଆ କରି ରଖିଦେବେ; ଯଦ୍ୱାରା ଘରେ ଆଉ ଧନର ଅଭାବ ଦେଖାଯିବ ନାହିଁ।



* ଅନ୍ୟପକ୍ଷେ ଘରର ଉତ୍ତର ଦିଗରେ ଅଁଳା କିମ୍ବା ତୁଳସୀ ଗଛ ଲଗାଇବା ଦ୍ୱାରା ବି ପରିବାରର ମଙ୍ଗଳ ହେବା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ।
* ସେହିପରି ବାସ୍ତୁଶାସ୍ତ୍ର ଅନୁସାରେ ଘରର ଶିଡ଼ିକୁ ସର୍ବଦା ଦକ୍ଷିଣ କିମ୍ବା ପଶ୍ଚିମ ଅଥବା ନୈଋତ୍ୟ କୋଣ (ଦକ୍ଷିଣ- ପଶ୍ଚିମ)ରେ ନିର୍ମାଣ କରିବା ଆବଶ୍ୟକ; ଯଦ୍ୱାରା ଘର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ।
* ତା'ଛଡ଼ା ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜିମାଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୬-ଅକ୍ଟୋବର ୨

**ମେଷ**



କର୍ମଜଞ୍ଜାଳ ବୃଦ୍ଧି, ଆର୍ଥିକ ଅନଟନ, ସହକର୍ମୀଙ୍କ ଅସହିଷ୍ଣୁତା, ଦ୍ରବ୍ୟହାନିରୁ କଳହ, ପରିସ୍ଥିତି ବିଗିଡିବ, ଦୂରଯାତ୍ରାରେ ପ୍ରତିବନ୍ଧକ, ଲେଖାପଢାରୁ ପ୍ରଶଂସା, ଭ୍ରମଣପ୍ରିୟ ହେବେ, ଶୁଭଖବର ପାଇବେ, ଧର୍ମକାର୍ଯ୍ୟରେ ରୁଚି।

**ବୃଷ**



ଆର୍ଥିକ ଉନ୍ନତି, ସୁସ୍ଥ ମାନସିକତା, ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ, ସୁଯୋଗ ହରାଇବେ, ଖର୍ଚ୍ଚ ପରିମାଣ ବୃଦ୍ଧି, ପଡ଼ୋଶୀଙ୍କ ସାହାଯ୍ୟ, ସାମାଜିକ ସମ୍ମାନ, ରାଜନୈତିକ ବିବାଦ, ଅଶୌଚ ଖବର ପାଇବେ, ବନ୍ଧୁଙ୍କ ସ୍ୱାର୍ଥପରତା।

**ମିଥୁନ**



ଭୁଲ୍ ବୁଝାମଣାରୁ କଳହ, ଦୂରଯାତ୍ରାରେ ସମସ୍ୟା, ସମ୍ପର୍କହାନିରୁ ଦୁଶ୍ଚିନ୍ତା, ଗୁରୁଜନଙ୍କ ସାନ୍ତ୍ୱନା, ସହକର୍ମୀଙ୍କ ସହଯୋଗ, ଅନାବଶ୍ୟକ ଖର୍ଚ୍ଚ, ବିୟୋଗାତ୍ମକ ଖବର, ନିର୍ମାଣରେ ଅଗ୍ରଗତି।

**କର୍କଟ**



ନୂତନ ଯୋଜନା, ବୁଦ୍ଧିଜୀବୀଙ୍କ ସାନ୍ନିଧ୍ୟ, ରଚନାତ୍ମକ କାର୍ଯ୍ୟ, ଗବେଷଣାରେ ସୁନାମ, ପାରିବାରିକ ଅଶାନ୍ତି, ଦାୟିତ୍ୱ ବଢିବ, ଅର୍ଥସଂକଟ, ବାଣିଜ୍ୟର ଅଭିବୃଦ୍ଧି, ମାନସିକ ଅବସାଦ, ନୂତନ ସମ୍ପର୍କ।

**ସିଂହ**



ମାନସିକ ଅସୁସ୍ଥତା, କାର୍ଯ୍ୟହାନି, ବନ୍ଧୁଙ୍କ ସାହାଯ୍ୟ, ସନ୍ତାନଙ୍କ କୃତିତ୍ୱ, ପତ୍ନୀଙ୍କ ସୁପରାମର୍ଶ, ଆକସ୍ମିକ ଯାତ୍ରା, ଗଠନମୂଳକ କାର୍ଯ୍ୟ, ବ୍ୟବସାୟିକ ଉନ୍ନତି।

**କନ୍ୟା**



ସମସ୍ୟା କମିବ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସମ୍ପର୍କ ଯୋଡ଼ିବେ, ବନ୍ଧୁଙ୍କ ଈର୍ଷାପରାୟଣତା, ଯାନବାହନରେ ତ୍ରୁଟି, ଏଜେନ୍ସିପରେ ଉନ୍ନତି, ଅଧ୍ୟୟନରେ ନିଷ୍ଠା, ଆନୁଷ୍ଠାନିକ ନେତୃତ୍ୱ, ଉପରିସ୍ଥଙ୍କ ତିରସ୍କାର।

**ତୁଳା**



ନୂତନ ଯୋଜନାରମ୍ଭ, କର୍ମକ୍ଷେତ୍ରରେ ପ୍ରଶଂସା, ସଭାସମିତିକୁ ଆହ୍ୱାନ। କଚେରିମାମଲାରେ ବିଜୟ, ରାଜନୀତିରେ ଦ୍ୱନ୍ଦ୍ୱ, , ସାହିତ୍ୟରେ ଅନୁରାଗ, ସାମୂହିକ କାମରେ ସହଯୋଗ, ଲୋକସମ୍ପର୍କ ବୃଦ୍ଧି, ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ।

**ବିଛା**



ନୂତନ କର୍ମାରମ୍ଭ, ପରିସ୍ଥିତିରେ ସ୍ୱାଭାବିକତା, ପାରିବାରିକ ସହମତି, ବ୍ୟାଙ୍କ ଋଣ ପାଇବେ, ବନ୍ଧୁଙ୍କ ଅଭିଯୋଗ, ଜିଦ୍‌ରୁ ଅନର୍ଥ, ଅପ୍ରିୟ ସତ୍ୟରୁ ମତାନ୍ତର, ଅବହେଳାରୁ ଅନୁତାପ, ଦାୟିତ୍ୱବୋଧ ବଢ଼ିବ।

**ଧନୁ**



ଆଶାବାଦୀ ହେବେ, ଯାନ୍ତ୍ରିକ ଜିନିଷ କ୍ରୟ, ପଡ଼ୋଶୀଙ୍କ ସହଯୋଗ, କର୍ମାରମ୍ଭରେ ସମସ୍ୟା, ସମ୍ପର୍କରେ ତିକ୍ତତା, ଭ୍ରମଣପ୍ରିୟ ହେବେ, କ୍ରନିକରୋଗରେ ପୀଡ଼ା, ସରକାରୀ ସହାୟତା, ବୁଝାମଣାରେ ଉନ୍ନତି।

**ମକର**



ବିବାଦରେ ବିଜୟ, ମାନସିକ ଆଶ୍ୱସ୍ତି, ବୁଝାମଣାରେ ଉନ୍ନତି, ଅନଟନ ଦୂରହେବ, କର୍ମକ୍ଷେତ୍ରରେ ସ୍ଥିରତା, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ବନ୍ଧୁମିଳନ, ଆତ୍ମବିଶ୍ୱାସ ବୃଦ୍ଧି, ପ୍ରଶଂସନୀୟ କାମ କରିବେ, ସ୍ଥାନାନ୍ତର ଘଟିପାରେ।

**କୁମ୍ଭ**



ଶୁଭକାର୍ଯ୍ୟରେ ସାମିଲ୍, ପ୍ରତିକୂଳତା ଦୂରହେବ, ପାରିବାରିକ ଶାନ୍ତି, ଅପ୍ରତ୍ୟାଶିତ ଧନଲାଭ, ଜମିଜମା ବିବାଦ, ଆତ୍ମୀୟଙ୍କ ବେଖାତିର, ବସ୍ତ୍ରାଳଙ୍କାର କ୍ରୟ, ଶତ୍ରୁତାରୁ ଭୟ, ଆଶଙ୍କା, ଦୁର୍ଘଟଣାରୁ ରକ୍ଷା ମିଳିବ, ପ୍ଲଟିଙ୍ଗ କାରବାରରେ ଉନ୍ନତି।

**ମୀନ**



ଦୈହିକ ଦୁର୍ବଳତା, ନୈରାଶ୍ୟ ବୃଦ୍ଧି, ବନ୍ଧୁଙ୍କ ଦ୍ୱାରସ୍ଥ ହେବେ, ପ୍ରଶାସନିକ ତତ୍ପରତା, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, ସହକର୍ମୀଙ୍କ ଝଗଡ଼ା, ମନୋବଳ କମିଯିବ, ଦୂରଯାତ୍ରାର ଯୋଜନା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ପ୍ରିୟଜନଙ୍କ ସାନ୍ନିଧ୍ୟ।

# ସୁପର ଫୁଡ୍ସ

**ଆ**ପଣ ଜାଣନ୍ତି କି ରୋଷେଇ ଘରେ ନିତ୍ୟ ବ୍ୟବହୃତ ହେଉଥିବା ଏଭଳି କେତେକ ଖାଦ୍ୟଦ୍ରବ୍ୟ ରହିଛି, ଯାହା ଶରୀରକୁ ସୁସ୍ଥ ରଖିବାରେ ବିଶେଷ ସହାୟକ ହୋଇଥାଏ। ଏଥିରେ ଥିବା ଔଷଧୀୟ ଗୁଣ ପାଇଁ ଏଗୁଡ଼ିକୁ ସୁପର ଫୁଡ୍ସ ବୋଲି ବି କୁହାଯାଇଥାଏ। ଯେମିତି କି: **ଅଁଳା:** ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ମିନେରାଲ୍ସରେ ଭରା ଅଁଳା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବ୍ରଣ ସମସ୍ୟାରୁ ମୁକ୍ତି, କ୍ୟାନ୍‌ସର ସହ ଲଢିବା ତଥା କେଶରେ ପ୍ରାକୃତିକ ଚମକ୍ ଆଣିଥାଏ। **ଡାଲ୍‌ଚିନି:** କୋଲେଷ୍ଟରଲ୍ ଓ ବ୍ଲଡ୍ ସୁଗାର୍‌କୁ ନିୟନ୍ତ୍ରଣରେ ରଖିବା ସହ ଓଜନ କମାଇଥାଏ। ମହୁ ସହିତ ଡାଲ୍‌ଚିନି ଗୁଣ୍ଡ ଖାଇଲେ ଆର୍ଥ୍ରାଇଟିସ୍ ରୋଗୀଙ୍କୁ ଆରାମ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। **ଅଦା-ରସୁଣ:** ସ୍ମରଣଶକ୍ତି ଓ ଭୋକ ବୃଦ୍ଧି କରାଇବା, ଗ୍ୟାସ୍, ଆର୍ଥ୍ରାଇଟିସ୍, ସ୍ପଣ୍ଡିଲାଇଟ୍ସ, ଥଣ୍ଡା କାଶ ସମସ୍ୟାରୁ ଅଦା ମୁକ୍ତି ଦିଏ।



ରସୁଣ କୋଲେଷ୍ଟରଲ୍, ବ୍ଲଡ୍ ପ୍ରେସର୍‌କୁ ନିୟନ୍ତ୍ରଣରେ ରଖେ ଓ ଥଣ୍ଡାଜନିତ ରୋଗରୁ ରକ୍ଷା ଦେଇଥାଏ। **ମହୁ:** ମହୁ ଓ ଅଦା ରସ ଖାଇଲେ ଥଣ୍ଡାକାଶରୁ ମୁକ୍ତି ମିଳେ। ଏହା ହିମୋଗ୍ଲୋବିନ୍‌କୁ ବି ବଢ଼ାଏ। ଖଣ୍ଡିଆ କିମ୍ବା ପୋଡାଜଳା ସ୍ଥାନରେ ମହୁ ଲଗାଇଲେ ଆରାମ ମିଳେ। **ଗୁଡ:** ଥଣ୍ଡା ସମସ୍ୟା ସହିତ ଗଳା ଓ ପେଟ ସମ୍ବନ୍ଧୀୟ ନାନାଦି ରୋଗରୁ ଏହା ଉପଶମ ଦେଇଥାଏ। ଥକ୍କାପଣରୁ ବି ମୁକ୍ତି ଦିଏ। **ଲେମ୍ବୁ:** ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପିଇଲେ, ଫ୍ରେଶ୍ ଅନୁଭବ ହୁଏ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା, କୋଲେଷ୍ଟରଲ୍‌କୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ।

# ପାଠକୀୟ

* ନାଟକ ଚରିତ୍ରର ପରିଚୟରେ ଏମାନେ ପରିଚିତ। ତାଙ୍କୁ ନେଇ ଗର୍ବ କରେ ତାଙ୍କ ଗାଁ, ଅଞ୍ଚଳ। ହେଲେ ଏମାନଙ୍କ ପାଇଁ ଏବେ ଭାବିବାକୁ ଯେମିତି କେହି ନାହିଁ। ଦିନେ ସମସ୍ତଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି କଳାକାରମାନେ ଏବେ ଅଲୋଡ଼ାପ୍ରାୟ। ତେବେ ଅଲୋଡ଼ା ହୋଇ ପଡ଼ିଥିବା ସେମିତି କିଛି କଳାକାର ଓ କଳାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଏବେ ଅଲୋଡ଼ା' ଏକ ସୃଜନାତ୍ମକ ଆଲେଖ୍ୟ ଥିଲା। 'ବାସ୍ତୁ ଅନୁସାରେ ଶୋଇବା ଘର କେମିତି ହେବା ଉଚିତ୍' ସେ ସମ୍ପର୍କରେ ଏଥରର ଛୁଟିଦିନରୁ ବହୁତ କିଛି ଶିଖିବାକୁ ମିଳିଲା। *-ରାକେଶ ବଳିୟାରସିଂ, ଭବାନୀପାଟଣା*
* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଏବେ ଅଲୋଡ଼ା' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ଏଥିରୁ ବିଲୁପ୍ତ ହୋଇ ପଡୁଥିବା କିଛି କଳା ସମ୍ପର୍କରେ ଜାଣିହେଲା। ସେହିପରି ସ୍ମୃତିଶକ୍ତି ବୃଦ୍ଧିର ଉପାୟ' ସମ୍ପର୍କରେ ମଧ ବହୁ ଉପାଦେୟ ତଥ୍ୟ ଏଥରର ଛୁଟିଦିନରୁ ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ ଏଥରର 'ସେଲିବ୍ରିଟି ସିକ୍ରେଟ୍' ସ୍ତମ୍ଭରୁ ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀଙ୍କ ଜୀବନୀ ସମ୍ପର୍କରେ ବହୁ ଜଣାଅଜଣା କଥା ଜାଣିହେଲା। *-ରୂପଶ୍ରୀ ପ୍ରଧାନ, ସମ୍ବଲପୁର*
* ସାମ୍‌ସଙ୍ଗ ଡିସପ୍ଲେ ସ୍କ୍ରିନ୍ ନିର୍ମାଣ ପଛରେ ପ୍ରମୁଖ ଅବଦାନ ଥିବା ରୂପଶ୍ରୀ ରାଗିଣୀ ଦାସଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ବ୍ୟକ୍ତିତ୍ୱ ପୃଷ୍ଠାରୁ ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ନଖ' ନାମକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ଅନ୍ୟପକ୍ଷେ 'ଅବ୍ୟକ୍ତ', 'ବର୍ଷା' ନାମକ କବିତା ଦୁଇଟି ବି ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା। ସିନେମା ପୃଷ୍ଠାଟି ମଧ ଆକର୍ଷଣୀୟ ଲାଗୁଥିଲା। *-ଅଭିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ*
* ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ଓଡ଼ିଶୀ ତଥା ମାହାରୀ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ମନଛୁଆଁ ହୋଇପାରିଥିଲା। ସାଥୀର ଉକ୍ତାଗୁଡ଼ିକ ବି ରୋମାଣ୍ଟିକ୍ ଲାଗୁଥିଲା। ମଡେଲ୍ ମିରର୍‌ରେ ଅଭୀପ୍ସା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଶାଢି ପୁରୁଣା ଲୁକ୍ ନୂଆ' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। *-ସସ୍ମିତା ପ୍ରଧାନ, ଫୁଲନଖରା, କଟକ*
* ଏଥରର ସହରଠୁ ଦୂର ପୃଷ୍ଠାରୁ 'ପକ୍ଷୀଙ୍କ ସ୍ୱର୍ଗ କେଓ୍ୱଲାଦେଓ ଜାତୀୟ ଉଦ୍ୟାନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ତାସ୍‌ରେ ତିଆରି ଫ୍ଲାୱାର୍ ଭେସ୍' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କୁକୁରର ଚମତ୍କାର ବାଲାନ୍ସ', 'ରକ୍ତ ସ୍ନାନ କରୁଥିବା ରାଣୀ' ତଥା 'ହେଡ୍‌ଷ୍ଟାଣ୍ଡ କରି ବାଇକ ଚାଳନା' ଆଦି ପାଠଗୁଡ଼ିକ ଯେମିତି ଆଶ୍ଚର୍ଯ୍ୟକର ଥିଲା ସେମିତି ଶିକ୍ଷଣୀୟ ମଧ ଲାଗୁଥିଲା। *-ରଶ୍ମିରେଖା ମହାନ୍ତି, କେନ୍ଦ୍ରାପଡ଼ା*

## ବିଶେଷ ଚିଠି




ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ
ନାଁଟି ତୁମର ଛୁଟିଦିନ,
ପ୍ରତିଟି ପୃଷ୍ଠା ପୁଣି
କିଣିନିଏ ସଭିଙ୍କର ମନ।
ଷୋହଳ ପୃଷ୍ଠାରେ ତୁମେ ଆସ
ସଭିଙ୍କୁ କରିନିଅ ବସ,
ପ୍ରଚ୍ଛଦ ତୁମର ଭାରୀ ନିଆରା
ସାଥୀ ପୁଣି ଦିଏ କେତେ ଇସାରା।
ଏତିକି କରୁଛି ପ୍ରଭୁଙ୍କୁ ମିନତି
ସଦା ହେଉ ତୁମ ଅଗ୍ରଗତି।
*-ସତ୍ୟଜିତ୍ ବିଶ୍ୱାଳ, ମୟୂରଭଞ୍ଜ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଗାନ୍ଧୀ ପଥର ପଥିକ



**ଗାନ୍ଧିଜୀଙ୍କୁ କିଏ ତାଙ୍କ ଖାଦ୍ୟଶୈଳୀରୁ ବୁଝିଲେ ତ କିଏ ତାଙ୍କ ବସ୍ତ୍ର ପିନ୍ଧିବାରୁ ବୁଝିଲେ। ହେଲେ ଗାନ୍ଧୀ ଚିନ୍ତାଧାରା ଆସ୍ତେ ଆସ୍ତେ ଗୌଣ ହୋଇଗଲା। ତଥାପି କିଛି ଗାନ୍ଧୀ ଆଦର୍ଶର ମଣିଷ ଅଛନ୍ତି, ଯେଉଁମାନେ ତାଙ୍କ କଥାକୁ ନେଇ, ତତ୍ତ୍ୱକୁ ନେଇ ନୀରବ ସଂଗ୍ରାମ କରିଚାଲିଛନ୍ତି...**

ମହାତ୍ମା, ବାପୁଜୀ, ଜାତିର ଜନକ, ଗାନ୍ଧିଜୀ, ବାପୁ ଏମିତି କେତେ ନାଁରେ ସେ ପରିଚିତ ଜନମାନସରେ। ଆମ ଦେଶର ସ୍ୱାଧୀନତା ସଂଗ୍ରାମର ସେ ଥିଲେ କର୍ଣ୍ଣଧାର। ହେଲେ ଏତେ ବଡ଼ ପ୍ରତିପକ୍ଷ ବିରୁଦ୍ଧରେ ତାଙ୍କର ଅସ୍ତ୍ର ଥିଲା ସତ୍ୟ ଓ ଅହିଂସା। ତାଙ୍କ ମାଧ୍ୟମରେ ଜାଗ୍ରତ ହୋଇଥିଲା ଅବଦମିତ ଭାରତର ଆତ୍ମା। ବିରୋଧୀଙ୍କୁ ପ୍ରେମର ଅସ୍ତ୍ରରେ ପରାଜିତ କରିବା ଥିଲା ତାଙ୍କର ଅଭିପ୍ରାୟ। ସେ ବ୍ରିଟିଶ ବିରୋଧୀ ସଂଗ୍ରାମକୁ ପରିଣତ କରି ଦେଇଥିଲେ ଭାରତୀୟଙ୍କ ଆତ୍ମ ଜାଗରଣରେ। ଲାଞ୍ଛିତ, ବଞ୍ଚିତ ମଣିଷ ଲାଗି ନିରନ୍ତର କାନ୍ଦୁଥିଲା ତାଙ୍କର ପ୍ରାଣ। ଧାର୍ମିକ ବିବିଧତା ସମ୍ପନ୍ନ ଏ ଦେଶରେ ସେ ଥିଲେ ସର୍ବ ଧର୍ମ ସମନ୍ୱୟର ବାର୍ତ୍ତାବହ। ତାଙ୍କ ଭିତରେ ଜଣେ ହିନ୍ଦୁ ଦେଖୁଥିଲା ସନାତନୀ ହିନ୍ଦୁ, ମୁସଲମାନ ଦେଖୁଥିଲା ନିଜ ରୂପ, ଖ୍ରୀଷ୍ଟିଆନ ଖୋଜି ପାଉଥିଲା ଯିଶୁଙ୍କ ଛାଇ, ବୌଦ୍ଧମାନେ ତାଙ୍କ ଅହିଂସା ଭିତରେ ଦେଖୁଥିଲେ ବୁଦ୍ଧଙ୍କ ମୁହଁ। ଭାରତ ବିଭାଜନ ବେଳେ ହଜାର ହଜାର ସୈନ୍ୟ ଶାନ୍ତି ରକ୍ଷାରେ ବିଫଳ ହେଲା ବେଳେ ତାଙ୍କ ଉପସ୍ଥିତି ବଙ୍ଗରେ ଫେରାଇ ଆଣିଥିଲା ଶାନ୍ତି। ତାଙ୍କୁ କୁହାଯାଇଥିଲା ଏକାକୀ ସୁରକ୍ଷା ବଳ (one man boundary force)। ଜୀବନ କାଳରେ ଅସହଯୋଗ, ଲବଣ ସତ୍ୟାଗ୍ରହ କି ଭାରତଛାଡ଼ ଆନ୍ଦୋଳନ ଭଳି ବିଶାଳ ଜନ ଆନ୍ଦୋଳନର ନେତୃତ୍ୱ ନେଇଥିବା ଏ ମଣିଷ ଜଣକ ଥିଲେ କ୍ଷୀଣକାୟ। କିନ୍ତୁ ଅସଲ ଶକ୍ତି ଥିଲା ଆଧ୍ୟାତ୍ମିକ। ଆଇନଷ୍ଟାଇନ ତାଙ୍କ ଭଳି ଉଜ୍ଜ୍ୱଳ ସମସାମୟିକ ବ୍ୟକ୍ତିତ୍ୱ ପାଇଥିବାରୁ ଅଦୃଷ୍ଟ ପାଖରେ କୃତଜ୍ଞତା ଜ୍ଞାପନ କରନ୍ତି। ତାଙ୍କର ରାଜନୈତିକ ପ୍ରତିପକ୍ଷ କୁହାଯାଉଥିବା ନେତାଜୀ ସୁଭାଷ ତାଙ୍କୁ ଜାତିର ଜନକ ରୂପେ ସମ୍ବୋଧନ କରିଛନ୍ତି। ତାଙ୍କ ବ୍ୟକ୍ତିତ୍ୱର ମହାନତାର ଆକର୍ଷଣ ଅଦ୍ଭୁତ। ସନ୍ଥ ବିନୋବା ତାଙ୍କ ଭିତରେ ଖୋଜି ପାଇଛନ୍ତି ହିମାଳୟର ଶୀତଳତା ପୁଣି ବିପ୍ଳବୀର ଉଷ୍ମତା। ତାଙ୍କୁ ନେଇ ଲେଖାଯାଇଛି ଅଗଣନ ଜୀବନୀ। ତାଙ୍କ ବିଚାରକୁ ନେଇ ଲେଖାଯାଇଛି ଅସଂଖ୍ୟ ପୁସ୍ତକ । ତାଙ୍କୁ ମହାତ୍ମା ଆଖ୍ୟା ଦେଇଛନ୍ତି ବିଶ୍ୱକବି ରବୀନ୍ଦ୍ରନାଥ। ମୋହନଦାସରୁ ମହାତ୍ମାର ଯାତ୍ରା ପଥ ଖୁବ୍ ଦୀର୍ଘ। ମହାତ୍ମା ନିଜେ ସେ ବାଟ ଓ ସେ ବାଟର ବାଟୋଇ । ତାଙ୍କର ଆତ୍ମବଳିଦାନ ପରେ ମଧ୍ୟ ତାଙ୍କ ବାଟ ଆହୁରି ପ୍ରଶସ୍ତ ହୋଇ ଚାଲିଛି । ତାଙ୍କ ପଥରେ ପଥିକ ହୋଇଥିବା କେତେଜଣ ଗାନ୍ଧୀବାଦୀ କର୍ମୀଙ୍କୁ ନେଇ ଉପସ୍ଥାପନା...

## ସଂସ୍କାର ସବୁବେଳେ ନିଜଠୁ ଆରମ୍ଭ ହେବା ଉଚିତ: ଶୈଳଜ ରବି

ଗାନ୍ଧିଜୀଙ୍କ ପ୍ରସିଦ୍ଧ ଉକ୍ତି ''ମୋ ଜୀବନ ହିଁ ମୋ ବାଣୀ'' ଉଚ୍ଚାରଣ ଅପେକ୍ଷା ଆଚରଣ ଉପରେ ଅଧିକ ଗୁରୁତ୍ୱ ଆରୋପ କରନ୍ତି ଶୈଳଜ ରବି। ସେ କୁହନ୍ତି, ନୈତିକତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ବ୍ୟକ୍ତିଗତ ଜୀବନର ଆଧାର ସ୍ତମ୍ଭ ବୋଲି ଗାନ୍ଧୀ ଭାବୁଥିଲେ। ସେହିପରି ସାମାଜିକ – ଅର୍ଥନୈତିକ – ରାଜନୈତିକ କ୍ଷେତ୍ରରେ ଗ୍ରାମସ୍ୱରାଜ୍ୟର ପ୍ରତିଷ୍ଠା ଅର୍ଥାତ୍ ଗୋଷ୍ଠୀ ଜୀବନଭିତ୍ତିକ ବିକେନ୍ଦ୍ରିତ ସମାଜ ବ୍ୟବସ୍ଥାର ପ୍ରତିଷ୍ଠା ସ୍ୱାଧୀନ ଭାରତ ପାଇଁ ତାଙ୍କର ସ୍ୱପ୍ନ ଥିଲା। କ୍ଷମତା ଓ ଅର୍ଥସର୍ବସ୍ୱ ରାଜନୀତି ମାଧ୍ୟମରେ ଆମେ ସାମାଜିକ ଜୀବନକୁ କଳୁଷିତ କଲୁ। ପରମ୍ପରା ଓ ଆଧୁନିକତା ଉଭୟର ଅନୁକରଣ ମାଧ୍ୟମରେ ବ୍ୟକ୍ତିଗତ ଜୀବନ ତଥା ଜାତୀୟ ଚରିତ୍ରକୁ କଳୁଷିତ କଲୁ। ଗାନ୍ଧୀ ଶତବାର୍ଷିକୀ, ଗାନ୍ଧୀ ୧୫୦, ଗାନ୍ଧୀଙ୍କ ଓଡ଼ିଶା ଆଗମନ ଇତ୍ୟାଦି ପାଳନ ନାଁରେ କେବଳ ନାଟକବାଜି କରି କୋଟିକୋଟି ଟଙ୍କା ଉଡ଼ାଇ ଦେଲୁ। ତଳେ ପଡ଼ିଥିବା ଲୋକଟି ଭାଷଣ, ସେମିନାର, ପଦଯାତ୍ରା, ଚଳଚ୍ଚିତ୍ର, ପ୍ରଦର୍ଶନୀ, ମୁକ୍ତି ମାଧ୍ୟମରେ ଗାନ୍ଧୀଙ୍କୁ ତା' ଜୀବନ ପାଇଁ ପ୍ରାସଙ୍ଗିକ ବୋଲି ଭାବି ପାରିଲାକି ? ବରଂ ଏହି ସବୁ ନାଟ–ତାମସା ମାଧ୍ୟମରେ ତାକୁ ତା ଦୁର୍ଦ୍ଦିନରେ ଆମେ ଗାନ୍ଧୀଠାରୁ ଦୂରେଇ ଦେଲୁ। ଅବଶ୍ୟ ଗୋଟିଏ ଆଶ୍ୱାସନା ଏବେ ବି କିଛି ବ୍ୟକ୍ତି ଓ ସଂଗଠନ ନୀରବରେ ଗାନ୍ଧୀ କାର୍ଯ୍ୟରେ ଲାଗିଛନ୍ତି।

ଭୁଲ କଲେ ତାକୁ ସ୍ୱୀକାର କରିବା ଓ ଆବଶ୍ୟକସ୍ଥଳେ ସେଥିପାଇଁ ପ୍ରାୟଶ୍ଚିତ କରିବା, ଦେଶର ଏ ଦୁଃସ୍ଥିତି ପାଇଁ ଅନ୍ୟମାନଙ୍କୁ ଦାୟୀ ନ କରି ଆଗେ ନିଜକୁ କାଠଗଡ଼ାରେ ଠିଆ କରିବା ବାସ୍ତବ 'ଗାନ୍ଧୀବୋଧ' ଏସବୁ ନିଜ ଆଚରଣରେ ଫୁଟାଇବା ପାଇଁ ମୋର ନମ୍ର ପ୍ରଚେଷ୍ଟା ଏବେ ବି ଜାରି ରହିଛି। ଗାନ୍ଧିଜୀଙ୍କ ଗ୍ରାମସ୍ୱରାଜ୍ୟ ପରିକଳ୍ପନାକୁ ରୂପ ଦେବାପାଇଁ ବିନୋବା – ଜୟପ୍ରକାଶ – ଗୋପବନ୍ଧୁ ଚୌଧୁରୀ ଯେଉଁ ପରୀକ୍ଷା ଗ୍ରାମଦାନ ଆନ୍ଦୋଳନ ମାଧ୍ୟମରେ କରିଥିଲେ ତାକୁ ନିକଟରୁ ଅନୁଧ୍ୟାନ କରି ଏବେ ବି ସେ ସ୍ୱପ୍ନକୁ ପୁନର୍ଜୀବନ ଦେଇହେବ ବୋଲି ମୋର ବିଶ୍ୱାସ। ନିଜ ଢଙ୍ଗରେ ସେ ଦିଗରେ କିଛି କରିବି ବୋଲି ଭାବି କାର୍ଯ୍ୟ ଆରମ୍ଭ କରିଥିଲି। ବିଭିନ୍ନ ପ୍ରତିବନ୍ଧକ ଭିତରେ ବିଶେଷ କିଛି କରିପାରିଲି ନାହିଁ। ତଥାପି ଅବଶିଷ୍ଟ ଜୀବନ ସେହି ପରୀକ୍ଷା ଦେଇ ପାରିବି ବୋଲି ଆଶା ରଖିଛି।





## ମୌଳିକ ଶିକ୍ଷାର ଏକ ନାଁ କ୍ରାନ୍ତି ବିଦ୍ୟାଳୟ: ଚିତ୍ତରଞ୍ଜନ

ତାଙ୍କର ସ୍ୱପ୍ନ ପ୍ରକୃତ ମଣିଷ ତିଆରି କାରଖାନାଟିଏ ତିଆରି କରିବା। ଯେଉଁଥିପାଇଁ ଗୋପବନ୍ଧୁଙ୍କ ବନ ବିଦ୍ୟାଳୟ ଢାଞ୍ଚାରେ ମାଲକାନଗିରି ଓ ହଂସପାଳରେ ତିଆରି କରିଛନ୍ତି କ୍ରାନ୍ତି ବିଦ୍ୟାଳୟ ; ଯାହା ମୌଳିକ ଶିକ୍ଷାକୁ ଗୁରୁତ୍ୱଦେଇ ପିଲାଙ୍କୁ ମଣିଷ କରି ଗଢ଼ିବାରେ ସାହାଯ୍ୟ କରେ। ତା' ସହିତ ଚାଷୀମାନଙ୍କ ସହିତ ସାମିଲ ହୋଇ କରିଛନ୍ତି ଚାଷୀ ଆନ୍ଦୋଳନ। ପୁଣି, ମାଲକାନଗିରି ପରି ମ୍ୟାଲେରିଆ ପ୍ରବଣ ଅଞ୍ଚଳକୁ ୩ ବର୍ଷ ଭିତରେ ଆୟୁର୍ବେଦିକ୍ ଔଷଧ ମାଧ୍ୟମରେ ମ୍ୟାଲେରିଆ ମୁକ୍ତ କରିଛନ୍ତି। ମାଓବାଦୀ ପ୍ରବଣ ଅଞ୍ଚଳରେ ଏହାକୁ ମ୍ୟାଲେରିଆ ମୁକ୍ତି ଆନ୍ଦୋଳନ ବୋଲି କୁହାଗଲା। ଏସବୁର ଯିଏ ମୁଖ୍ୟ ପୁରୋଧା ଥିଲେ ସେ ହେଲେ ଚିତ୍ତରଞ୍ଜନ।

ପ୍ରଥମରୁ ଗାନ୍ଧୀଙ୍କ ମାର୍ଗରେ କାମ କରିବାର ଝୁଙ୍କ୍ ଯୋଗୁ ଚିତ୍ତରଞ୍ଜନ ଚିଲିକା ବଞ୍ଚାଅ ଆନ୍ଦୋଳନର ନେତୃତ୍ୱ ନେଲେ ; ଯେଉଁଥିରେ ଅନେକ ଛାତ୍ର ସାମିଲ ଥିଲେ। ଆନ୍ଦୋଳନ ବି ସଫଳ ହେଲା। ୧୯୯୪ରେ ଖୋର୍ଦ୍ଧାର ବେଗୁନିଆଠାରେ ତପୋଭୂମି ନାମରେ ଏକ ଆଶ୍ରମ କରାଗଲା। କେରଳରୁ ପଞ୍ଜାବ ପର୍ଯ୍ୟନ୍ତ ବହୁତ ଲୋକ ଏହି ସଂଗଠନରେ ରହି କାମ କଲେ। ତା'ପରେ ଭୁବନେଶ୍ୱରର ହଂସପାଳଠାରେ ମାଲକାନଗିରି ଜିଲାର କିଛି ପିଲାଙ୍କୁ ନେଇ କ୍ରାନ୍ତି ବିଦ୍ୟାଳୟ ଆରମ୍ଭ କରାଗଲା। ମାଲକାନଗିରି ଜିଲାରେ ମଧ୍ୟ କ୍ରାନ୍ତି ବିଦ୍ୟାଳୟ ଚାଲିଛି। ଚିତ୍ତରଞ୍ଜନ କୁହନ୍ତି, ଏହି ବିଦ୍ୟାଳୟର ଶିକ୍ଷା ପଦ୍ଧତି ପ୍ରକୃତରେ ଗାନ୍ଧିଜୀ ଯେଉଁ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ, ସେହି ଢାଞ୍ଚାରେ। ପ୍ରକୃତରେ କହିବାକୁ ଗଲେ ଗାନ୍ଧିଜୀ ଥିଲେ ପୃଥିବୀର ଏମିତି ଜଣେ ସଂଗ୍ରାମୀ, ଯେ ସଂଗ୍ରାମ ଭିତରେ ଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ। ଏବେ ଶିକ୍ଷାର ଅର୍ଥ କେବଳ ଚାକିରିଆ ତିଆରି କରିବା, ଯାହା କେବେ ବି ଗାନ୍ଧୀ ଚାହୁଁ ନ ଥିଲେ। ଆମେ ଏଠାରେ ପିଲାଙ୍କୁ ଏମିତି ଭାବରେ ଗଢୁଛୁ, ଯିଏ ନିଜ ଇଚ୍ଛାରେ ନିଜ ଜୀବନ ବଞ୍ଚିଛନ୍ତି। ତାଙ୍କ ଭିତରେ କେତେ ଗଭୀରତା କେତେ ସଙ୍ଗମତା ଅଛି ତାହା ଦେଖିବା କଥା। ୧୯୯୭-୯୮ ମସିହାରେ ଜଳସେଚନର ସୁବିଧା ପାଇଁ ଚାଷୀ ଆନ୍ଦୋଳନ କରାଯାଇଥିଲା ; ଯାହା ସଫଳ ହେଲା। ବିଶ୍ୱନାଥ ପଟ୍ଟନାୟକଙ୍କ ସହିତ ସେତେବେଳେ ମାଲକାନଗିରି ଯାଇଥିଲି। ସେ ଚାହିଁଲେ ମୁଁ, ଏଠାରେ କିଛି କରେ ବୋଲି। ତାଙ୍କୁ କଥା ଦେଇଥିଲି ମୁଁ କିଛି କରିବି ବୋଲି। ଭାରତ ସରକାର ବି ସେତେବେଳେ ଆମକୁ ଦାୟିତ୍ୱ ଦେଇଥିଲେ ମ୍ୟାଲେରିଆ ମୁକ୍ତି ଲାଗି କାମ କରିବା ପାଇଁ। କାରଣ ଏହା ମାଓବାଦୀ ପ୍ରବଣ ଅଞ୍ଚଳ ଥିଲା। ଜିଲାପାଳ ବି ହାତ ଟେକି ଦେଇଥିଲେ। ଚିତ୍ତୁପା ସେଠାରେ ୩ ବର୍ଷ ରହି କାମ କଲେ। ମ୍ୟାଲେରିଆ ମୁକ୍ତ ମାଲକାନଗିରି ସେତେବେଳେ ଗୋଟେ ପ୍ରକାର ଆନ୍ଦୋଳନର ନାଁ ହୋଇଗଲା। ୫୦ ହଜାର ରୋଗୀଙ୍କୁ ଚିକିତ୍ସା କରିବାର କଥା ଚିନ୍ତା କରିଥିଲୁ, କିନ୍ତୁ ୬୮ ହଜାର ରୋଗୀ ମ୍ୟାଲେରିଆ ମୁକ୍ତ ହେଲେ। ସବୁଠୁ ବଡ଼ କଥା ହେଲା, ଗତ ୧୦ ବର୍ଷ ଭିତରେ ସେଠାରେ ଗୋଟିଏ ବି ମ୍ୟାଲେରିଆ ମୃତ୍ୟୁ ନଜରକୁ ଆସିନାହିଁ। ତା'ପରେ ଆମେ ସେଠାରେ ପିଲାମାନଙ୍କୁ ନେଇ କ୍ରାନ୍ତି ବିଦ୍ୟାଳୟ ଆରମ୍ଭ କଲୁ। କୌଣସି ପ୍ରକାର ସରକାରୀ ପ୍ରୋତ୍ସାହନ ନ ନେଇ ଆମେ ବିଦ୍ୟାଳୟ ଚଳାଉଛୁ। ଲୋକମାନଙ୍କ ସ୍ୱେଚ୍ଛା ଦାନରେ ଚାଲୁଛି ବିଦ୍ୟାଳୟ। ଏଠାରେ ପିଲାମାନେ ନିଜ ପସନ୍ଦ ଅନୁସାରେ ପଢୁଛନ୍ତି। ନିଜ ପାଇଁ ନୁହେଁ, କେମିତି ଅନ୍ୟ ପାଇଁ ବଞ୍ଚିବାକୁ ହୁଏ, ଏ ପିଲାମାନେ ସେକଥା ଶିଖୁଛନ୍ତି। ଗାନ୍ଧୀଙ୍କର ଶିକ୍ଷାକୁ ନେଇ ଯେଉଁ ଚିନ୍ତାଧାରା ଥିଲା, ତା'ର ଏହା ଏକ ପ୍ରୟାସ ମାତ୍ର।

ଚିତ୍ତରଞ୍ଜନଙ୍କର ସବୁଠୁ ବଡ଼ କ୍ଷୋଭ ହେଉଛି, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗାନ୍ଧୀଙ୍କ ନାଁକୁ ନେଇ ଯେମିତି ରାଜନୀତି ଚାଲିଛି। ତାଙ୍କ କହିବା କଥା ଆମେ ଗାନ୍ଧୀ ନୀତି ଭୁଲି ଯାଇଛୁ, କିନ୍ତୁ ତାଙ୍କୁ ଜମା ଭୁଲିନୁ। ଆମ ସୁବିଧା ପାଇଁ ପ୍ରତି ମୁହୂର୍ତ୍ତରେ ତାଙ୍କ ନାଁକୁ ବ୍ୟବହାର କରି ଚାଲିଛୁ। ଲୋକ ଚତୁର ହେଲେ, ତେଣୁ ଗାନ୍ଧୀ ବିଚାର ଧାରାର ପତନ ହେଲା। ଯେବେ ବି ଯେଉଁଠି କୌଣସି ରାଷ୍ଟ୍ରର ମୂଲ୍ୟବୋଧର ପତନ ହୋଇଛି, ତାହା କେବଳ ତା' ନିଜ ଦୋଷ ପାଇଁ।

## ମୌଳିକ ଶିକ୍ଷା ଗଢ଼ିବ ପିଲାଙ୍କ ଭବିଷ୍ୟତ: ଚିତ୍ତୁପା

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶ ଗାନ୍ଧୀ ବିଚାରଠାରୁ ଦୂରେଇ ଯାଇଛି ବୋଲି ବିଶ୍ୱାସ କରନ୍ତି ସତ, କିନ୍ତୁ ଗାନ୍ଧୀ ଚିନ୍ତାଧାରାକୁ ଧରି ବାଟ ଚାଲନ୍ତି, ଜୀବନ ବଞ୍ଚନ୍ତି। ଏଏ ହେଲେ ଚିତ୍ତୁପା। ଭଦ୍ରକ ଜିଲାର ଭଣ୍ଡାରିପୋଖରୀଠାରେ ଜନ୍ମିତା ଚିତ୍ତୁପାଙ୍କ ବାପା, ଜେଜେ ବାପା ସମସ୍ତେ ଥିଲେ ଗାନ୍ଧୀ ଆଦର୍ଶର ମଣିଷ, ସ୍ୱାଧୀନତା ସଂଗ୍ରାମୀ। ଭଣ୍ଡାରିପୋଖରୀ ଥାନାପୋଡ଼ିରେ ଜେଜେ ଜେଲ ବି ଯାଇଛନ୍ତି। ପିଲାବେଳେ ଘରେ ସମସ୍ତେ ଦେଶ ବିଦେଶର ଖବର ଉପରେ ଚର୍ଚ୍ଚା କରନ୍ତି; ଯାହାର ପ୍ରଭାବ ତାଙ୍କ ଉପରେ ପଡ଼ିଛି। ଆଉ ସେହି ଦିନରୁ ତାଙ୍କ ଭିତରେ ଲୋକଙ୍କ ପାଇଁ କାମ କରିବାର ଆଗ୍ରହ ଆସିଥିଲା। ସମୟକ୍ରମେ ରାଜନୀତି ବିଜ୍ଞାନରେ ପାଠ ପଢ଼ିଲେ ଚାକିରି ବି ପାଇଲେ। କିନ୍ତୁ ଚାକିରି କରି ପଇସା ରୋଜଗାର କରିବା ତ ତାଙ୍କର ଲକ୍ଷ୍ୟ ନ ଥିଲା। ସେ ବୁଝୁଥିଲେ ଗାନ୍ଧୀଙ୍କ ଚିନ୍ତାଧାରାକୁ। ଦେଶ ସିନା ସ୍ୱାଧୀନ ହେଲା କିନ୍ତୁ ଗାନ୍ଧୀ ଯେଉଁ ରଚନାତ୍ମକ କାମ, ଗଠନମୂଳକ କାମ କରିବାକୁ ଚାହୁଁଥିଲେ ସେ ସେମିତି ଅଧା ରହିଗଲା। ୧୨ଟି ରଚନାତ୍ମକ କାମ ଉପରେ ସେ ଗୁରୁତ୍ୱ ଦେଉଥିଲେ।


ଶୈଳଜ ରବି


ଅକ୍ଷୟ କୁମାର


ଅପର୍ଣ୍ଣା ନାୟକ


ଚିତ୍ତରଞ୍ଜନ


ଚିତ୍ତୁପା

ବିଶେଷକରି ମୌଳିକ ଶିକ୍ଷାକୁ ବନ୍ଦ କରି ଦିଆଗଲା। କର୍ମଭିତ୍ତିକ ଶିକ୍ଷାକୁ ଅଲଗା କରି ଦିଆଗଲା। ତେଣୁ ଆମେ ଏହାକୁ ନେଇ କାମ କରିବା ଆରମ୍ଭ କଲୁ। ପ୍ରଥମେ ୧୯୯୧ ମସିହାରେ ଟାଟା କମ୍ପାନୀ ଓ ଅନ୍ୟ ତିନୋଟି କମ୍ପାନି ବିରୋଧରେ ଛାତ୍ରମାନେ ଯାଇ ମତ୍ସ୍ୟଜୀବିମାନଙ୍କ ସହିତ ମିଶି ଚିଲିକାରେ ଆନ୍ଦୋଳନ କଲୁ। ୭ମାସ ପରେ ଏହି ଆନ୍ଦୋଳନ ସଫଳ ହେଲା। ତା'ପରେ ରାଜ୍ୟରେ କୃଷକମାନଙ୍କୁ ନେଇ ଜଳ ବଞ୍ଚାଅ ଆନ୍ଦୋଳନ ବି କଲୁ। ୧୯୯୬ ମସିହାରେ ବୋଲଗଡ଼ ବେଗୁନିଆ ଅଞ୍ଚଳରେ ମରୁଡି ପଡ଼ିଲା। ମାଟିତଳେ ପାଣି ନାହିଁ ବୋଲି କହିବାରୁ ଲୋକ ବାସନକୁସନ ବିକ୍ରି କରିଦେଲେ। କଲେଜ ପିଲା ଦାଦନ ଖଟିବାକୁ ଗଲେ। ଆମେ ଆନ୍ଦୋଳନ କଲୁ, ଅନଶନରେ ବସିଲୁ, ଜେଲ ବି ଗଲୁ। ବୋରିଂ ଖୋଳାହେଲା। ପାଣି ବାହାରିବା ପରେ ଆମେ ଅନଶନ ପ୍ରତ୍ୟାହାର କରିଥିଲୁ। ସେହି ଅଞ୍ଚଳରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବୋରିଂ ପଏଣ୍ଟ ହେଲା। ସେତେବେଳେ ଓଡ଼ିଶା ଉଠା ଜଳସେଚନ ନିଗମ ବୋରିଂ କରୁଥିଲା। ଗୋଟେ ବୋରିଂ ପାଇଁ ୨ ଲକ୍ଷ ଟଙ୍କା ନେଉଥିଲା। ପ୍ରାଇଭେଟ୍ କମ୍ପାନୀକୁ ବୋରିଂ ପାଇଁ ଦିଆଯାଉ ନ ଥିଲା। ତା'ପରେ କେନ୍ଦ୍ର ସରକାରଙ୍କ ଗଙ୍ଗା କଲ୍ୟାଣ ଯୋଜନାରେ କମ୍ ପଇସାରେ ବୋରିଂ ହୋଇପାରିଲା। ଗାନ୍ଧୀ ନୀତିରେ ୨୦୧୮-୧୯ ମସିହାରେ ଆମେ ରାୟଗଡ଼ା ଜିଲାରେ ୫ଟି ବ୍ଲକରେ ୪ଟି ସରକାରୀ ଭାଟି ଓ ୧୨୨ଟି ଗ୍ରାମରେ ଚୋରା ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିପାରିଛୁ। ଏଥିପାଇଁ ୬ହଜାର ମହିଳା ପଦ୍ମପୁର ବ୍ଲକକୁ ୩ ଦିନ ଅଚଳ କରି ରଖିବା ସହିତ ପଦ୍ମପୁରରୁ ଗୁଣପୁର ୨୫ କି.ମି. ମାର୍ଚ୍ଚ ମାସର ପ୍ରଚଣ୍ଡ ଖରାରେ ପଦଯାତ୍ରା କରିବା ଓ ଦାବି ହାସଲ କରିବା ଏକ ଐତିହାସିକ ଘଟଣା ନିଶ୍ଚୟ। ଏହା ପଛରେ କୌଣସି ରାଜନୈତିକ ଦଳ ନ ଥିଲେ କି ବାହାରୁ ଚାନ୍ଦା ଟଙ୍କାଏ ମଧ୍ୟ ଆସି ନ ଥିଲା। ମୁଠି ଚାଉଳ ଓ ୧୦୦ ଟଙ୍କା ଚାନ୍ଦା ପ୍ରତ୍ୟେକ ଆଦିବାସୀ ମହିଳା ନିଜ ହାତରୁ ଦେଇ ଏତେ ବଡ଼ ସଂଗଠନ ଓ ପଦଯାତ୍ରା କରିଥିଲେ। ଏବେ ସେ ସଂଗଠନରେ ୧୦ ହଜାର ମହିଳା ଅଛନ୍ତି। ଏବେ ବି ମଦ ଦୋକାନ ବନ୍ଦ ହୋଇକି ଅଛି। ଏହାପରେ ଆମେ ଆଦିବାସୀ ପିଲାମାନଙ୍କୁ ଆଣି ଏକ ଗାନ୍ଧିଜୀଙ୍କ ମୌଳିକ ଶିକ୍ଷା ନୀତି ଉପରେ କାମ କରୁଛୁ। ଆଉ ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ୍ୟ ନୀତି କିପରି କାର୍ଯ୍ୟକାରୀ ହେବ ; ଏଥିରେ ଗାଁଗୁଡ଼ିକ କିପରି ସ୍ୱାବଲମ୍ବୀ ହୋଇପାରିବ ; ତାକୁ ନେଇ କାର୍ଯ୍ୟ ଚାଲିଛି। କେବଳ ସରକାରଙ୍କୁ ଦୋଷ ନ ଦେଇ କିମ୍ବା ଭିକ ନ ମାଗି ନିଜ କାମ କରି ଚାଲିଛୁ। ମାଲକାନଗିରିରେ କ୍ରାନ୍ତି ବିଦ୍ୟାଳୟ ସହ ଗୋଶାଳା, ଖଦିବସ୍ତ୍ର ବୁଣିବା, ଆୟୁର୍ବେଦିକ ଔଷଧରେ ରୋଗୀଙ୍କୁ ଉପଚାର କରିବା ଆଦି ଚାଲିଛି। ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ ତପୋଭୂମି ପରସରରେ ଆଦିବାସୀ ପିଲାମାନେ ରହୁଛନ୍ତି। ମୌଳିକ ଶିକ୍ଷା ମାଧ୍ୟମରେ ସେମାନଙ୍କ ଭବିଷ୍ୟତ ଗଢ଼ିବା ଆମର ଲକ୍ଷ୍ୟ।

## ସତ୍ୟ ଓ ଅହିଂସାକୁ ଅସ୍ତ୍ର କଲେ ବିଜୟ ନିଶ୍ଚିତ : ଅପର୍ଣ୍ଣା ନାୟକ

ସ୍ୱାଧୀନତାର ଏତେ ବର୍ଷ ପରେ ଆମେ ଗାନ୍ଧୀ ବିଚାରରୁ ଦୂରେଇ ଗଲୁଣି କି ବୋଲି ଅନେକ ସମୟରେ ମନେହୁଏ। କିନ୍ତୁ ଏ କଥାକୁ ଗ୍ରହଣ କରନ୍ତିନି ଅପର୍ଣ୍ଣା ନାୟକ। ସେ କୁହନ୍ତି, 'ଗାନ୍ଧୀ ରାଜନୈତିକ ସ୍ୱାଧୀନତା କଥା ନୁହେଁ, ବ୍ୟକ୍ତି ସ୍ୱାଧୀନତା ଓ ଅର୍ଥନୈତିକ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଥିଲେ। ଆଉ ଆଜିର ପରିସ୍ଥିତିରେ ଯେଉଁଭଳି ଭାବରେ ସାମାଜିକ ଅବକ୍ଷୟ ଘଟିଚାଲିଛି ଏବେ ଲୋକମାନେ ଅଧିକରୁ ଅଧିକ ଗାନ୍ଧୀ ଚିନ୍ତାଧାରା ଆଡ଼କୁ ଢଳିଲେଣି। ଏଇଥିପାଇଁ ଯେ, ସବୁ ସମାଧାନର ରାସ୍ତା ଏଇଠାରେ ହିଁ ମିଳିପାରିବ। ବେଶ୍ ଛୋଟ ବେଳୁ ଅପର୍ଣ୍ଣା ଗାନ୍ଧୀଙ୍କ ଚିନ୍ତାଧାରା ପ୍ରତି ଆକୃଷ୍ଟ ଥିଲେ। କାରଣ

→





ତାଙ୍କର ବାପା ଜଗନ୍ନାଥ ନାୟକ ଥିଲେ ଜଣେ ଗାନ୍ଧୀବାଦୀ ଶିକ୍ଷକ। ତାଙ୍କ ବାପା କଟକ ପ୍ୟାରିମୋହନ ଏକାଡେମୀରେ ପାଠ ପଢ଼ିବାବେଳେ ତାଙ୍କ ପ୍ରଧାନ ଶିକ୍ଷକ ଥିଲେ ସୁଭାଷ ବୋଷଙ୍କ ଘନିଷ୍ଠ ବନ୍ଧୁ। ସେ ତାଙ୍କ ଛାତ୍ରମାନଙ୍କୁ ସୁଭାଷ ବୋଷଙ୍କ ବିଷୟରେ କହୁଥିଲେ। ବାପାଙ୍କଠାରୁ ଅପର୍ଣ୍ଣା ଗାନ୍ଧୀ ଓ ସୁଭାଷ ବୋଷଙ୍କ ବିଷୟରେ ସବୁବେଳେ ଶୁଣୁଥିଲେ। ବାପା ଖଦି ପିନ୍ଧିବା ସହ ବୋଉ ଅରଟରେ ସୂତା କାଟି ଲୁଗା ପିନ୍ଧୁଥିଲେ। ଅପର୍ଣ୍ଣା କୁହନ୍ତି, 'କଲେଜରେ ପଢ଼ିବା ବେଳେ ମୁଁ ଭାବୁଥିଲି ଚାକିରି ନ କରି ସମାଜସେବାରେ ନିୟୋଜିତ ହେବାକୁ ଚାହୁଁଥିଲି। ତେଣୁ ନିଜ ଦୃଷ୍ଟିରେ ସମାଜର ଆବଶ୍ୟକତା ବୁଝିବାକୁ ଚାହୁଁଥିଲି। ସେଥିପାଇଁ କିଛିଦିନ ଶିକ୍ଷକତା ବୃତ୍ତିକୁ ଆପଣାଇଲି। କିନ୍ତୁ ପରବର୍ତ୍ତୀ ସମୟରେ ଗୋଟିଏ ଗାର୍ଲସ ସ୍କୁଲରେ ଶିକ୍ଷକତା କଲି। ହେଲେ ଦିନେ ଚାକିରି ଛାଡି ଚାଲିଆସିଲି। ଗାନ୍ଧିଜୀଙ୍କ ଅନ୍ୟତମା ଶିଷ୍ୟା ରମ୍ଭାଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ଯାଜପୁର ଜିଲାର ହରିଦାସପୁର ସେବାସମିତିରେ ଯୋଗଦାନ କଲି ଏବଂ ଶିଶୁ ଶିକ୍ଷା ତଥା ଶିଶୁଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟକଲି। ପରବର୍ତ୍ତୀ ସମୟରେ ସର୍ବୋଦୟ ନେତ୍ରୀ ଅନ୍ନପୂର୍ଣ୍ଣା ମହାରଣାଙ୍କଠାରୁ ଡାକରା ପାଇ ଉତ୍କଳ କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକ ନିଧି ଟ୍ରଷ୍ଟରେ ସତ୍ୟଭାମାପୁରଠାରେ ଯୋଗଦାନ କଲି ଏବଂ ମହିଳା ପ୍ରୌଢ଼ଶିକ୍ଷା ତଥା ଅଙ୍ଗନବାଡ଼ି ସହାୟିକାମାନଙ୍କର ତାଲିମ ଦେବା କାର୍ଯ୍ୟରେ ନିୟୁକ୍ତ ରହିଲି। ସେଠାରେ ଗ୍ରାମ୍ୟ ସ୍ୱରାଜରେ ବିଭିନ୍ନ ରଚନାତ୍ମକ କାମ ଚାଲିଥିଲା। ବର୍ଷେ ରହିବା ପରେ ମୁଁ ସେଠାରୁ ବାଧ ହୋଇ ଆସିଲି ଏଇଥି ପାଇଁ ଯେ, ମୋ ସ୍ୱାମୀ ୧୨ ବର୍ଷ ମିଲିଟାରୀ ଚାକିରି କରିବା ପରେ ନିଶାଗ୍ରସ୍ତ ହେବା ଯୋଗୁ ଚାକିରି ଛାଡ଼ି ଆସିଲେ। ପରିବାର ଚଳାଇବା ପାଇଁ ପୁଣି ଥରେ ଭୁବନେଶ୍ୱର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିକ୍ଷକତା କଲି। ଏଠାରେ ୨୦ବର୍ଷ କାମ କରିଛି। ଏହା ଭିତରେ ମୋର ପ୍ରଥମ କାମ ଥିଲା ମୋ ସ୍ୱାମୀଙ୍କୁ ନିଶା କବଳରୁ ବାହାର କରିବା। ଶେଷରେ ୨୦୧୩ରେ ସ୍ୱାମୀ ସମ୍ପୂର୍ଣ୍ଣ ନିଶାମୁକ୍ତ ହେଲେ। ଏଥିପାଇଁ ମୋତେ ବହୁ ସଂଗ୍ରାମର ସମ୍ମୁଖୀନ ହେବାକୁ ପଡ଼ିଛି। ତା'ପରେ ମୁଁ ଚିନ୍ତା କଲି ଯେପରି ହେଉ ନିଶା ବିରୋଧରେ ସଂଗ୍ରାମ କରିବି। ନିଶାମୁକ୍ତି ଆନ୍ଦୋଳନର ମୁଖ୍ୟ ପୁରୋଧା ପଦ୍ମଚରଣ ନାୟକଙ୍କ ସଂସ୍ପର୍ଶରେ ଆସିବା ପରେ ନିଶାମୁକ୍ତି ଆନ୍ଦୋଳନରେ ସାମିଲ ହେଲି। ୨୦୧୩ ଜାନୁୟାରୀ ୩ରେ ଆମେ ପ୍ରାୟ ୩୦୦ କର୍ମୀ ଏକାଠି ହୋଇ ୧୯୫୬ ନିଶା ନିବାରଣ ଆଇନ୍ ଲାଗୁ କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଦେଇ ଗଣ ସମାବେଶ କଲୁ। ୫ଟି ପର୍ଯ୍ୟାୟରେ ୨୩ଟି ଜିଲାକୁ ପଦଯାତ୍ରା କଲୁ। ଏହି ନିଶା ପାଇଁ ମହିଳାମାନେ ହିଁ ବେଶି କଷ୍ଟ ପାଉଥିଲେ। ତେଣୁ ସମସ୍ତେ ଚାହିଁଲେ ମୁଁ ଏହି ନେତୃତ୍ୱ ନିଏ। ମୋର ବିଶ୍ୱାସ କେବଳ ଆଇନ ପ୍ରଣୟନ ହୋଇଗଲେ ନିଶାମୁକ୍ତ ସମାଜ ହୋଇଯିବନି। ସେଥିପାଇଁ ମାନସିକତାରେ ପରିବର୍ତ୍ତନ ଦରକାର। ତେଣୁ ପ୍ରଥମେ ନିଶାମୁକ୍ତ ପରିବାର ହେଲେ ଗାଁ ବି ନିଶାମୁକ୍ତ ହୋଇଯିବ। ଏବେ ଅପର୍ଣ୍ଣାଙ୍କର ଲକ୍ଷ୍ୟ ହେଉଛି ମହିଳାମାନେ ଗୋଷ୍ଠୀଗତ ଭାବରେ ପରିବାରଗୁଡ଼ିକୁ ନିଶାମୁକ୍ତ କରିବେ, ଯେଉଁଥିରେ ଗାଁ ବି ନିଶାମୁକ୍ତ ହେବ। ତା' ସହିତ ଦେଶ ବି ନିଶାମୁକ୍ତ ହେବ। ଏକଥା ସତ ଯେ, ମହିଳାମାନଙ୍କ ଭୂମିକା ସର୍ବାଗ୍ରେ ରହିଲେ ପରିବର୍ତ୍ତନ ନିଶ୍ଚୟ ଆସିବ। ଆଉ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାକୁ ଅସ୍ତ୍ର କଲେ ଯେକୌଣସି ଆନ୍ଦୋଳନରେ ବିଜୟ ନିଶ୍ଚିତ।

## କୃଷକ ଜାଗ୍ରତ ହେଲେ ସବୁ ସମ୍ଭବ: ଅକ୍ଷୟ କୁମାର

ସାଇକେଲରେ ସାରା ଭାରତ ବୁଲିଛନ୍ତି, ପୋସ୍କୋ ବିରୋଧରେ ଆନ୍ଦୋଳନ କରି ସଫଳ ହୋଇଛନ୍ତି, ତାଙ୍କ ନେତୃତ୍ୱରେ ଚାଷୀ ଆନ୍ଦୋଳନର ପ୍ରଭାବ କେବଳ ଓଡ଼ିଶା ନୁହେଁ, ଓଡ଼ିଶା ବାହାରେ ବି ବେଶ୍ ପ୍ରଭାବ ରଖେ। ଆଉ ଅନେକ ଦାବି ବି ପୂରଣ ହୁଏ। ଏ ହେଲେ ଅକ୍ଷୟ କୁମାର। ଆଜି ଚାଷୀ ଆନ୍ଦୋଳନର ଜଣେ ମୁଖ୍ୟ ପୁରୋଧା କହିଲେ ଭୁଲ୍ ହେବନାହିଁ। ଅକ୍ଷୟ କୁହନ୍ତି, ଗାନ୍ଧୀଙ୍କ ବିଚାର ସେତେବେଳେ ଯେତିକି ପ୍ରାସଙ୍ଗିକ ଥିଲା ତା'ଠାରୁ ହଜାର ଗୁଣ ପ୍ରାସଙ୍ଗିକ ଏବେ ହୋଇଯାଇଛି। ଗାନ୍ଧୀଙ୍କ ବିଚାରଧାରା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ, ନିର୍ଦ୍ଦିଷ୍ଟ ବ୍ୟକ୍ତି ଅଥବା ସମୟର ବିଚାରଧାରା ନୁହେଁ ଏହା ସର୍ବକାଳୀନ, ସମସ୍ତଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଏକ ବିଚାରଧାରା, ଯାହା ଆମ ଭାରତବର୍ଷ ପାଇଁ ଯେତିକି ଉପଯୋଗୀ ସେତିକି ଉପଯୋଗୀ ଆମେରିକା କି ଆଉ କୌଣସି ଦେଶ ପାଇଁ। ଗାନ୍ଧିଜୀ ଶ୍ରମନିଷ୍ଠ ଜୀବନ ଚାହୁଁଥିଲେ, ଯେଉଁଠି ମନୁଷ୍ୟ ସମାଜ ପ୍ରକୃତି ସହିତ ମିଶି ଏକ ଉତ୍କୃଷ୍ଟ ଜୀବନ ଜୀଉଥିବ। ନୀରୋଗ ହେବା ସହ ଅନ୍ୟମାନଙ୍କୁ ସହଜ, ସ୍ୱଚ୍ଛନ୍ଦ ଜୀବନଟେ ଯୋଗେଇ ଦେବା ଆମର କର୍ତ୍ତବ୍ୟ ହେବା ଉଚିତ। ଆମ ଆବଶ୍ୟକତା ପାଇଁ ପ୍ରକୃତି ସବୁ ଦେଇଛି କିନ୍ତୁ ଆମେ ଆମ ଲୋଭ ପାଇଁ କଷ୍ଟ ପାଇଚାଲିଛୁ। ଆମ ପାଖରେ ଯାହା ଅଛି ଯାହା ବିଧାତା ଆମକୁ ଉନ୍ନତ ଜୀବନଯାପନ ପାଇଁ ଯୋଗେଇ ଦେଇଛି ତା'ର ରକ୍ଷଣାବେକ୍ଷଣ କରି ଠିକ୍ ଉପଯୋଗ କରିବା ମଣିଷର ଦାୟିତ୍ୱ ହେଉ ବୋଲି ଗାନ୍ଧିଜୀ କହୁଥିଲେ। ଆମେ ବକ୍ସାଇଟ୍ ମନ ଇଚ୍ଛା ଖନନ କରୁଛେ କିନ୍ତୁ ବକ୍ସାଇଟ ପାଣି ଧାରଣ କରେ। କିଛି ଲୋକଙ୍କ ବିଳାସ ପାଇଁ ରାତାରାତି ପ୍ରାକୃତିକ ସମ୍ପଦ ଉଭେଇ ଯାଉଛି; ଯାହାର ଖିଲାପ ହେଉଛି ଗାନ୍ଧୀ ବିଚାରଧାରା। ଆଜି ଜଳବାୟୁ ପାଇଁ ପୃଥିବୀ ବ୍ୟାପୀ ଯେଉଁ ହା ହା କାର ଦେଖାଯାଉଛି ସେହି ବିଷୟରେ ଆଗୁଆ ସତର୍କ କରେଇ ଦେଇଥିଲା ଗାନ୍ଧୀଙ୍କ ବିଚାର; ଯାହାକୁ ଆମେ ବୁଝିବା ସହ କାର୍ଯ୍ୟକାରୀ କରିବା ନିହାତି ଦରକାର। ଅକ୍ଷୟ କୁହନ୍ତି, ମଣିଷ ଜୀବନର ମୂଲ୍ୟ କ'ଣ, ଅଠର ଘଣ୍ଟାର ହାଡ଼ଭଙ୍ଗା ପରିଶ୍ରମ କରି ମଣିଷଟିଏ ଯେଉଁଠି ତା'ର ତଥା ତା' ପରିବାରର ଆବଶ୍ୟକତା ପୂରଣ କରିପାରୁନି ସେଇଠି ଅଠର ମିନିଟର କଲମ ଚଳେଇ ଲୋକଟିଏ ଅତି ଆଡ଼ମ୍ବରପୂର୍ଣ୍ଣ ଜୀବନ କାଟିବାକୁ କାହିଁକି ସକ୍ଷମ ହେଉଛି ଏଭଳି ପ୍ରଶ୍ନମାନଙ୍କ ଉତ୍ତର ଖୋଜିବାକୁ ଯାଇ ମୁଁ ଟାଣି ହୋଇଥିଲି ଗାନ୍ଧୀ ବିଚାରଧାରା ଆଡ଼କୁ। ପ୍ରଥମେ ମୋ ହାତରେ ପଡିଥିଲା ସ୍ୱାମୀ ବିବେକାନନ୍ଦଙ୍କ ବହି କଲ ଟୁ ଦ ନେସନ। ଏ ବହି ମୋ ମନର ଅନେକ ସଂଶୟ ଦୂର କରିଥିଲା। ତା'ପରେ ଗାନ୍ଧୀ ବିଚାର ଅନୁଯାୟୀ, ଜୀବନରେ ସାଧନା କରିଥିବା ସନ୍ଥ ବିନୋବାଜୀଙ୍କ ଶିଷ୍ୟା ତଥା ମୋର ଆଧ୍ୟାତ୍ମିକ ପ୍ରେରଣାଦାୟୀ ମା' ପ୍ରବୀଣା ଦେଶାଇଙ୍କଠାରୁ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗାନ୍ଧିଆନ୍ ଷ୍ଟଡିଜ୍‌ରେ ତା'ର ନିର୍ଦ୍ଦେଶକ ରବୀନ୍ଦ୍ର ବର୍ମାଙ୍କ ପାଖରେ ୱାର୍ଧାରେ ଅଧ୍ୟୟନ କଲି ଓ ଶିଖିଲି, ଗାନ୍ଧୀ ବାଦ୍ ବୋଲି କିଛି ନାହିଁ। ଏହା ସତ୍ୟର ଉପଲବ୍ଧି ଓ ପ୍ରୟୋଗ। ଏହା ଶ୍ରମନିଷ୍ଠ ଜୀବନକୁ ଅଗ୍ରାଧିକାର ଦିଏ। ଗାନ୍ଧୀଙ୍କ ବିଚାରରେ ଜଣେ ଓକିଲର କାମର ମୂଲ୍ୟ ଜଣେ ବାରିକର କାମର ମୂଲ୍ୟ ଭିତରେ କୌଣସି ଫରକ ନାହିଁ। ଏହା ହିନ୍ଦୁ ସ୍ୱରାଜର କଥା। ଗାନ୍ଧୀ ବିଚାରରେ କୃଷକ ଜଣେ ସଚ୍ଚା ବୈଜ୍ଞାନିକ। ମାଟି ଚିହ୍ନି ଖରା ବର୍ଷା ସହ ହାଡ଼ଭଙ୍ଗା ପରିଶ୍ରମ କରି ସେ ସମାଜକୁ ଖାଦ୍ୟ ଦିଏ ଅଥଚ ସମାଜ ତାକୁ ଅଣକୁଶଳୀ କୁହେ। ତା'ର ଶ୍ରମ, ତା'ର ଉତ୍ପାଦନର ମୂଲ୍ୟ ନାହିଁ। ତା'ର ସୁରକ୍ଷା ନାହିଁ। କୃଷକଙ୍କ ପାଇଁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଲାଗି ଆନ୍ଦୋଳନ ଆରମ୍ଭ କରିଛୁ। ଏହା ରାଜ୍ୟ ଓ ଦେଶ ବ୍ୟାପୀ ଚାଲିଛି। ମୁଁ ତା'ଭିତରେ ନିମଜ୍ଜିତ ଅଛି। କୃଷକଟିଏ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହେବା ଦରକାର। କୃଷକ ସଚେତନ ହେଲେ ସବୁ ଅସମ୍ଭବ ବି ସମ୍ଭବ ହୋଇପାରେ। ଗାନ୍ଧୀଙ୍କ ମାର୍ଗରେ ହିଂସା ବା ଘୃଣାର ସ୍ଥାନ ନାହିଁ। ଆମେ ଚାହୁଁ ହୃଦୟ ପରିବର୍ତ୍ତନ। ଏଥିରେ ବିଫଳ ହେଲେ ଆତ୍ମ ଶୁଦ୍ଧି ପାଇଁ ନିଜେ କଷ୍ଟବରଣ କରିବା ଉଚିତ। ମୁଁ ଯେଉଁ ଆନ୍ଦୋଳନରେ ଥାଏ ଲୋକେ ଭାବନ୍ତି ଅକ୍ଷୟ ଅଛି ମାନେ ହିଂସା ହେବନାହିଁ। ଏବେ ଆମେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ମୋତିହାରୀରୁ ବନାରସ ତିନିଶହ ପଚାଶ କିଲୋମିଟର ପଦଯାତ୍ରାରେ ବାହାରିବୁ। ପୂର୍ବ ଚମ୍ପାରନ ଜିଲାର ମୋତିହାରରୁ ଚୁକ୍ତିକୃଷି ବିରୋଧରେ ସ୍ୱର ଉତ୍ତୋଳନ କରି ୧୯୧୭ରେ ଗାନ୍ଧୀ ପ୍ରଥମେ ଗିରଫ ହୋଇଥିଲେ। ଏ ଯାତ୍ରା ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ କୃଷକମାନଙ୍କ ଅଧିକାର ପାଇଁ ମୋତିହାରରୁ ଆରମ୍ଭ ହୋଇ ଅକ୍ଟୋବର ୨୦ରେ ବନାରସରେ ପହଞ୍ଚିବ। ଏହାର ମୂଳ ଲକ୍ଷ୍ୟ ଅହିଂସା ଉପାୟରେ ଜନ ଜାଗରଣ।

ଗାନ୍ଧୀ ସତରେ ଆଖି ପାଉ ନ ଥିବା ଏକ ଉଚ୍ଚତା। ନଇଁ ଯାଉଥିବା ଭରସାର ପ୍ରଚଣ୍ଡ ଆସ୍ଥା। ବହୁ ଆଡ଼ମ୍ବର ନେଇ ବହୁ କ୍ଷେତ୍ରରେ ବହୁ ବ୍ୟକ୍ତିତ୍ୱ ଜନମାନସକୁ ଆସି ପୁଣି ଲିଭିଯାଆନ୍ତି ସମୟ ସୁଅରେ। ହେଲେ ପ୍ରତିଟି ହୃଦୟରେ ନିଜର ଅସାଧାରଣ ବ୍ୟକ୍ତିତ୍ୱରେ ଗାନ୍ଧୀ କରିନେଇଛନ୍ତି ଘର। ତେଣୁ ତ ଆଜି ବି ସେ ସାଧାରଣର ଅନ୍ତରରେ ଅମର।

–ରୋଜାଲିନ୍ ମହାନ୍ତି





# ଶିଳ୍ପୀ କଳିଙ୍ଗ ମହାରଣା



**ତାଙ୍କ କାଠ ଖୋଦେଇ ସୁନ୍ଦର ସୁନ୍ଦର ମୂର୍ତ୍ତିଗୁଡ଼ିକ ବେଶ୍ ଜୀବନ୍ତ ମନେ ହୁଅନ୍ତି। ଏହି ହସ୍ତଶିଳ୍ପ କଳାକାରିଗରି ନିର୍ମାଣ ପାଇଁ ସେ ଖୋଜିଥାନ୍ତି ନିଜ ଆଖପାଖର ବିଭିନ୍ନ ପ୍ରାକୃତିକ ବିଭବ। ଆଉ ସେଇଥିରୁ କଳାକାରିଗରୀ ଗଢି ଆଜି ସେ ପାଇଛନ୍ତି ଏକ ଭିନ୍ନ ପରିଚୟ..**

ଶିଳ୍ପୀଙ୍କ ଯାଦୁକରି ହାତର ସ୍ପର୍ଶରେ ନିର୍ଜୀବ ପଥର ଦେହରେ ବି ସଂଚାରିତ ହୁଏ କଳାକୃତିର ପ୍ରାଣ। ମୁଗୁର ଧରି ନିହାଣ ମୁନରେ ପଥର କିମ୍ବା କାଠ ଖୋଦେଇରେ ଗଢ଼ିଥିବା ସୁନ୍ଦର ସୁନ୍ଦର ମୂର୍ତ୍ତିଗୁଡ଼ିକୁ ଦେଖିଲେ ସଜଫୁଟା ଫୁଲପରି ସତେଜ ଓ ଜୀବନ୍ତ ମନେହୁଏ। ଏପରି ହସ୍ତଶିଳ୍ପ କଳାକାରିଗରି ନିର୍ମାଣ ପାଇଁ ଶିଳ୍ପୀ ଖୋଜିଥାନ୍ତି ବିଭିନ୍ନ ପ୍ରାକୃତିକ ବିଭବ। ସେହିଭଳି ଜଣେ ଶିଳ୍ପୀ ହେଉଛନ୍ତି ଶିଳ୍ପୀ କଳିଙ୍ଗ ମହାରଣା। ସେ ନିଜ ଗାଁ ପାଖ ପାହାଡ଼, ଜଙ୍ଗଲ ଓ ନଈର ପ୍ରାକୃତିକ ଶୋଭାରେ ବିଭୋର ହୋଇ ଅଙ୍କନ କରନ୍ତି ତା'ର ରୂପବର୍ଣ୍ଣାଳୀକୁ, ପୁଣି ପଥରରେ ବି ଗଢ଼ି ତୋଳନ୍ତି ଅପରୂପ ସୌନ୍ଦର୍ଯ୍ୟର କଳାକୃତି। ଏଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ଶିଳ୍ପୀ କଳିଙ୍ଗଙ୍କ ଜନ୍ମ ୧୬।୪।୧୯୬୪ରେ। ପିତା ଶଙ୍କର ମହାରଣା। ମା' ସାରିଆ ମହାରଣା। ଘର ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁ ଗାଁରେ। ବର୍ତ୍ତମାନ ସେ ରହୁଛନ୍ତି ଭୁବନେଶ୍ୱରର ପୋଖରୀପୁଟ ଅଞ୍ଚଳରେ। ସେ କୁହନ୍ତି, ବଢ଼େଇ କୂଳରେ ମୋର ଜନ୍ମ। ପିଲାଟିବେଳୁ ମୋ ବାପାଙ୍କଠାରୁ ବିଭିନ୍ନ ଚିତ୍ର ଅଙ୍କନ ଶିଖିଥିଲି। ସେତେବେଳେ ମୋ ବାପା ଅନେକ ସ୍ଥାନକୁ ବିଭିନ୍ନ ମନ୍ଦିରର କାରୁକାର୍ଯ୍ୟ କରିବାକୁ ଯାଉଥିଲେ। ମୋତେ ସେତେବେଳେ ପ୍ରାୟ ୧୪ବର୍ଷ ବୟସ ହୋଇଥିଲା। ସେହି ସମୟରୁ ଏମିତି ଅଭ୍ୟାସ ଜାରିରଖିଛି। ୧୯୭୮ରୁ୧୯୮୦ମସିହା ଯାଏ ରାଜ୍ୟ ହସ୍ତଶିଳ୍ପ ତାଲିମ କେନ୍ଦ୍ରରେ ପଥର ଖୋଦେଇ ପାଇଁ ତାଲିମ ନେଇଥିଲି। ଏହାପରେ ଗୁରୁ ହରିହର ମହାରଣାଙ୍କ ତତ୍ତ୍ୱାବଧାନରେ ୧୦ବର୍ଷ ତାଲିମ ପାଇଥିଲି। ସ୍କୁଲ ଶିକ୍ଷକ ଶ୍ରୀବସନ୍ତ ରାୟଗୁରୁ ମୋତେ ପଥର ଖୋଦେଇ କାରୁକାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ମୋର ଶିକ୍ଷା ମାତ୍ର ନବମ ଶ୍ରେଣୀଯାଏ ଥିଲା। ସେତେବେଳେ ପରିବାରର ସେମିତି ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥଲା। ଏମିତିରେ ଏହି ହସ୍ତଶିଳ୍ପ କାରିଗରିକୁ ଆପଣେଇବାରୁ ସ୍କୁଲ ପଢ଼ାରେ ଡୋରିବନ୍ଧା ହେଲା। ପଥର ଖୋଦନ ହସ୍ତଶିଳ୍ପରେ ସମୟ ବିତିଲା। ବିଭିନ୍ନ ମୂର୍ତ୍ତି ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ପଥରକୁ ବିଶେଷକରି ଖୋର୍ଦ୍ଧା ଜିଲାର ତାପଙ୍ଗରୁ ସାହାଣ ପଥର, ମୟୂରଭଞ୍ଜ ଜିଲାର ଖିଚିଂ ସମେତ ଆଉ କେତେକ ସ୍ଥାନରୁ କିଣିକରି ଆଣିଥାଏ। ଏହି ପଥରରେ ବିଭିନ୍ନ ଉଚ୍ଚତାର ସୁନ୍ଦର ସୁନ୍ଦର ଶ୍ରୀଗଣେଶ, ହନୁମାନ, ବୁଦ୍ଧ, ରାଧାକୃଷ୍ଣ, ରାମ ଲକ୍ଷ୍ମଣ ସୀତା , ବିଭିନ୍ନ ଭଙ୍ଗୀର ସଖୀ ଏବଂ ନର୍ତ୍ତକୀ ଆଦିଙ୍କ ମୂର୍ତ୍ତି ଗଢ଼ିଥାଏ। ଏହି କଳାକୃତିକୁ ନେବା ପାଇଁ ବିଭିନ୍ନ ଅଞ୍ଚଳରୁ ଗରାଖମାନେ ଏଠାକୁ ଆସନ୍ତି। କେତେକ ତ ମୂର୍ତ୍ତିକୁ ଦେଖି ଖୁସି ହୋଇପଡ଼ନ୍ତି। ସେମାନଙ୍କ ପସନ୍ଦର ମୂର୍ତ୍ତି ତିଆରି ପାଇଁ ଅଗ୍ରିମ କିଛି ଅର୍ଥ ଦେବା ସହିତ ବିଭିନ୍ନ ଆକୃତିର ମୂର୍ତ୍ତି ତିଆରି ପାଇଁ ବରାଦ କରିଥାନ୍ତି। ବର୍ଷର ସବୁ ସମୟରେ ନାନା ପ୍ରକାରର ମୂର୍ତ୍ତି ଗଢ଼ିଥାଉ। ଏହା ବ୍ୟତୀତ କାଠଖୋଦେଇ ଓ ମାର୍ବଲ ଆଦିରେ ହସ୍ତଶିଳ୍ପ କାରୁକାର୍ଯ୍ୟ କରିଥାଏ। ତିଆରି କରିଥିବା ଗୋଟିଏ ଗୋଟିଏ ମୂର୍ତ୍ତିର ଦାମ୍ ସେହି ମୂର୍ତ୍ତି ଗଠନର ଶୈଳୀ ଓ ସୂକ୍ଷ୍ମ କାରୁକାର୍ଯ୍ୟକୁ ନେଇ ମୂଲ୍ୟ କରାଯାଇଥାଏ। ଆଜିଯାଏ ବିଭିନ୍ନ ପଥରରେ ପ୍ରାୟ ଶତାଧିକ ମୂର୍ତ୍ତି ଗଢ଼ି ସାରିଲିଣି। ବାହାର ରାଜ୍ୟରେ ଯଥା ଅକ୍ଷରଧାମ, ଗ୍ୱାଲିଅର, ଉଜ୍ଜୟିନୀ, ବିହାର ଓ ଦିଲ୍ଲୀରେ ଆର୍ଟକାମ କରିଛି। ଥରେ କାନାଡ଼ାକୁ ହସ୍ତଶିଳ୍ପ ଯୋଗୁ ଯାଇଥିଲି। ମୋ କଳାକୃତି ପାଇଁ ୧୯୯୯ରେ ଜାତୀୟ ପୁରସ୍କାର, ସୁରୁଜକୁଣ୍ଡରୁ କଳାମଣି ପୁରସ୍କାର ଏବଂ ବିଭିନ୍ନ ୱାର୍କଶପ ସମେତ ଗୁରୁଶିଷ୍ୟ ପରମ୍ପରା ତାଲିମ ଶିବିରରୁ ଅନେକ ପୁରସ୍କାର ମିଳିଛି। ଓଡ଼ିଶାର କଳାକାରିଗରି ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅନେକ ସମୟରେ ମୂର୍ତ୍ତି ଗଢ଼ିବାରେ ଆପେ ଆପେ କିଛି ନୂଆ ଚିନ୍ତା ଜୁଟେ, ତାହାକୁ କଳାର ରୂପ ଦିଏ। କିନ୍ତୁ ପ୍ରତ୍ୟେକ ମୂର୍ତ୍ତି ଗଢ଼ିବା ପଛରେ କିଛି ଅକୁହା କାହାଣୀ ରହିଛି। ତିଆରି କରିଥିବା ବିଭିନ୍ନ କଳାକୃତି ପାଇଁ ମୋତେ ନିଆରା ପରିଚୟ ମିଳିଛି।

–ବନ ବିହାରୀ ବେହେରା
















# ଜୀବନଭୋଗ

## ଡାକ୍ତର ଦୀନବନ୍ଧୁ ସାହୁ

କ୍ଷୀତି , ଆପ , ତେଜ , ମରୁତ , ବ୍ୟୋମ..
ଜୀବନ୍ୟାସ ଅପେକ୍ଷାରେ
ପଞ୍ଚ ମହାଭୁତର ଶରୀର .. ।

ସଂସାର ସମୁଦ୍ରରେ ନୋଳିଆର ନାକେଳି
ପେଟପୋଷ , ନାହିଁଦୋଷ ନ୍ୟାୟରେ
ନିତି ନାଟକର ମଞ୍ଚାୟନ ,
ନିରବ ନିରୁତ୍ତର
ସାଥୀରୁହା ସାକ୍ଷୀ ବ୍ୟକ୍ତିତ୍ୱ ।

ଏଥର ଫିଙ୍ଗା ଜାଲରେ କିଏ ?
ନିଜେ ନା ନିଜ ପରିବାର !
କେଁ କଟର ଶଗଡ଼ ଗାଡ଼ିର ଚକ
ବାଟ ବାକି ଅଛି ଆହୁରି
ଚକ ଅଖର ଅଣ ଭାଗିଦାରୀରେ
ଭାଙ୍ଗୁଛି ଭୋଗ ,
ସୁର ଲୟ ତାଳ ହାରୁଛି ଜୀବନ ରଙ୍ଗ ।

ବେଙ୍ଗ କହେ ବେଙ୍ଗୁଲୀଲୋ
"ପୃଥ୍ୱୀ , ଘଡ଼ି ଘଡ଼ିକେ ଆନ "
ସିଦ୍ଧ ଶୁଦ୍ଧ
ଯୋଗୀ କମଣ୍ଡଳୁର
ଅମୃତ ସିଞ୍ଚନରେ
ଜୀବନ ଜଞ୍ଜାଳରେ ଜ୍ଞାନଦୋୟ

ସାଜବାଜରେ ଜଗା ଜଗିଛି ଜଗତ ।
ଜଳିବ ଜତୁଗୃହ ଅଥଚ ପଣ୍ଡ ହେବ ପାଞ୍ଚ ।
ଚେଇଁଶୁଆକୁ ଉଠାଇବ ବା କିଏ ?
ଏଣେ ,ଆଖର ଉଚ୍ଛୁର , ମଣ୍ଡପ ବିଜେର
ବେଳ ।

*-ପରଦେଶୀପଡା, ଭବାନୀପାଟଣା*
*କଳାହାଣ୍ଡି, ମୋ:୯୪୩୭୨୧୯୧୪୭*

# ଭତ୍ତା

## ଜ୍ଞାନ ରଞ୍ଜନ ଚ୍ୟାଉପଟ୍ଟନାୟକ

ଘରୁ ଗାଡ଼ିଧରି ବାହାରିଛି ଟିକେ ବଜାରକୁ ଯିବା ପାଇଁ। ସ୍ତ୍ରୀ ଲୋକ ଜଣକ ଆସି ପହଞ୍ଚିଲେ। ପଚାରିଦେଲି– ‘‘ବଡ଼ବୋଉ, କେମିତି ଅଛ ? ଭଲ ଅଛ ତ ?’’ ହଁ ପୁଅ, ଭଲ ଆଉ କ’ଣ ? ସେମିତି! ବଞ୍ଚିଛି, ମରୁନି ଯାହା। କାହିଁକି ମରିବ ? ଦି’ ଦି’ଟା ରୋଜଗାରିଆ ପୁଅ । ଭଲ ମନ୍ଦ ଆଣି ଦେଉଥିବେ। ଖାଇ ପିଇ ବସ। ଅସୁବିଧା କ’ଣ ? ମୋ ସହ କଥା ହଉ ହଉ ସ୍ତ୍ରୀ ଲୋକ ଜଣକ ବାରଣ୍ଡାରେ ବସିଗଲେ। ମୁଁ ବି ତାଙ୍କ ପାଖରେ ବସିଗଲି। ପୁଣି ଆରମ୍ଭ କଲି– ‘‘ତୁମେ ତ ଭାଗ୍ୟବାନ୍ ଲୋକ । ପୁଅ ବୋହୂରେ ଘର ଭରା। ନାତି ନାତୁଣୀ ଧରି ବୁଲୁଥିବ। ଆଉ ଯମକୁ କାହିଁକି ଖୋଜୁଛ ? ଆଉ କିଛି ଦିନ ଯାଉ। ନାତି ଟୋକାଟା ତୁମକୁ ବୁଢ଼ୀ ବୁଢ଼ୀ ବୋଲି ଡାକୁ। ତା’ପରେ ଯିବ।’’

– ‘‘ନାଇଁରେ ପୁଅ। ମୋର ଆଉ ବଞ୍ଚିବାକୁ ଇଚ୍ଛା ନାହିଁ। ଦୁଇ ଦୁଇଟା ବୋହୂ ଆଣିଛି ସିନା, ହେଲେ ମୋର ସୁଖ କାହିଁ! ସେମାନେ ତ ନିଜ ପିଲା ଗେରସ୍ତ କଥା ବୁଝି ପାରୁନାହାନ୍ତି, ମୋ କଥା କିଏ ପଚାରେ! ଦୁଇ ଭାଇ ଅଲଗା ହେବାକୁ ବସିଲେଣି। କାଲି ବିଚାର ପଡ଼ିଥିଲା ବାପାକୁ କିଏ ରଖିବ, ମାଆକୁ କିଏ ରଖିବ। ଯେତେ କହୁଛି ଆମେ ବୁଢ଼ାବୁଢ଼ୀ ଦି’ଟା ମରିଯାଉ ତୁମେ ଭିନ୍ନ ହେବ। ସେମାନେ କ’ଣ ଶୁଣୁଛନ୍ତି ?’’

– ‘‘ଭିନ୍ନ କାହିଁକି ହେବେ ? ଅସୁବିଧା କ’ଣ ?’’ ମୁଁ ମଝିରେ ପଚାରି ଦେଲି।

– ‘‘ବଡ଼ବୋହୂ କହୁଛି ସେ ଏତେ କାମ କରିପାରିବ ନାହିଁ। ସାନବୋହୂ କହୁଛି ସେ ଏତେ କାମ କରିପାରିବ ନାହିଁ। କାହା ସ୍ୱାମୀ କେତେ ରୋଜଗାର କରି ଘର ଚଳଉଛି ସେ ନେଇ ବି ଝଗଡ଼ା। ଆମ ବୁଢ଼ାବୁଢ଼ୀଙ୍କ କଥା ଶୁଣୁଛି କିଏ ?’’ ମୁଁ ଆଉ କିଛି କହୁନଥାଏ ।

କେବଳ ଚୁପ୍‌ଚାପ ବସି ସବୁ ଶୁଣୁଥାଏ। ବଡ଼ବୋଉ ପୁଣି ଆରମ୍ଭ କଲେ– ‘‘ମୋତେ କେହି ରଖିବାକୁ ରାଜି ହେଉନାହାନ୍ତି। ମୋର ଟିକେ ଶ୍ୱାସ ରୋଗ ଅଛି ତ, ସେଥିପାଇଁ। ସବୁ ମାସରେ ଔଷଧ ଖର୍ଚ୍ଚ କିଏ କରିବ ? ଏବେଏବକୁ ଥରେ ଦି’ ଥର ମୁଣ୍ଡ ବି ବୁଲେଇ ଦଉଛି। କାଲି ବୁଢ଼ା ମୋତେ ଡାକ୍ତର ପାଖକୁ ନେଇ ଯାଇଥିଲା ଯେ, ଡାକ୍ତର କହୁଛି ବ୍ଲଡପ୍ରେସର। ମୋତେ ଯିଏ ନେବ ମୋ ପାଇଁ ବହୁତ ଟଙ୍କା ଖର୍ଚ୍ଚ କରିବ। ମୋତେ କିଏ ରଖିବ ? ବୁଢ଼ାର କିଛି ରୋଗ ବଇରାଗ ନାହିଁ। ଭତ୍ତା ପାଉଛି ବାରଶ’। ପୁଣି ପାଁ’ଶ।’’ ତୁମେ ଭତ୍ତା ପାଉନା କି ? ମୁଁ ପଚାରିଲି।

– ପାଉଛି ଯେ ଜମାରୁ ପାଁ’ଶ । ବୁଢ଼ା ଖୋଳ, ମୃଦଙ୍ଗ ବଜାଏ ତ ! ତେଣୁ ବାରଶ’ ପାଉଛି । ଆଉ ବୁଢ଼ାବୁଢ଼ୀ ଭତ୍ତା ପାଁ’ଶ। ବୁଢ଼ାକୁ ଯିଏ ନେବ ସିଏ ସତରଶ’ ପାଇବ। ମୋତେ ନେଲେ ପାଁ’ଶ । ମୋର ତ ଓଷଧ ଖର୍ଚ୍ଚ ହଜାର ବାରଶ’ ଯାଉଛି । ମୋତେ କିଏ ରଖିବ ?’’ ଏତକ କହି ବଡ଼ବୋଉ ମୋ ମୁହଁକୁ ଅନେଇଲେ। ମୁଁ କିନ୍ତୁ ତାଙ୍କ ମୁହଁକୁ ଅନେଇପାରିଲି ନାହିଁ । ତଳକୁ ମୁହଁ ପୋତି ବସିଥାଏ । ଭାବୁଥାଏ କାହିଁକି ସରକାର ଏ ଭତ୍ତା ଦଉଛନ୍ତି ? ବାପା ମା’ ପିଲାମାନଙ୍କୁ ମଣିଷ କଲେ। ପିଲାମାନେ ଏବେ ପୋଷନ୍ତୁ ।

କଥାକୁ ହାଲୁକା କରିବା ପାଇଁ ପଚାରିଲି,‘‘ମୁଁ ଅଡଶପୁର ଯାଉଛି । ତୁମ ପାଇଁ କ’ଣ ଆଣିବି କି ?’’ କ’ଣ ପାଇଁ ଯାଉଛୁ ? ବଡ଼ବୋଉଙ୍କ ପ୍ରଶ୍ନ । ମାଛଫାଛ କ’ଣ ଟିକେ ଆଣିବି ।

ଆଜି ବୁଧବାରଟା । ଗୋଟିଏ କାମ କର । ଆଜି ଆସି ଆମ ଘରେ ଖାଇଦେବ ।

ତୁମେ ଘରେ ମୋ ନାଁ କହିଦେବ । କହିବ, ବାପିନ୍ କହିଛି ତାଙ୍କ ଘରେ ଖାଇବା ପାଇଁ। ସେମାନେ କେହି ମନା କରିବେ ନାହିଁ । ବୁଢ଼ୀ ହସି ପକେଇଲେ । କହିଲେ, ମୁଁ କ’ଣ ମାଛ ମାଂସ ଖାଏ ? କେବେଠାରୁ ଛାଡ଼ିସାରିଲିଣି । ମୋ ବଡ଼ପୁଅ ଆଠ ବରଷର ହୋଇଥାଏ। ସେବେଠାରୁ । ମୁଁ ପଚାରିଲି, କାହିଁକି ? କ’ଣ ଅସୁବିଧା ହେଲା ଯେ ଆମିଷ ଛାଡ଼ିଦେଲ ? ‘‘ଟୋକାଟା ସେତେବେଳକୁ ଆଠ ବରଷର । କି ଜ୍ୱର ତାକୁ ଧରିଲା ଯେ ଛାଡ଼ିଲାନି । କେତେ ଓଷଦ ପତର ଖାଇଲା। କିଛି ଫରକ ପଡ଼ିଲାନି। ସବୁ ଦିନ ଡମ୍ବରୁଶ୍ୱର (ଆମ ଗ୍ରାମ ଦେବତା ଡମ୍ବରେଶ୍ୱର)ଙ୍କ ପାଖକୁ ଯାଏ । ଠାକୁରଙ୍କୁ ଡାକେ ମୋ ପୁଅ ଦେହଟା ଭଲ ହୋଇଯାଉ । ଥରେ ରାତିରେ ମୋତେ ଡମ୍ବରୁଶ୍ୱର ସପନେଇଲେ । କହିଲେ– ତୁ ଯଦି ଆମିଷ ଖାଇବୁ ନାହିଁ ତୋ ପୁଅ ଦେହ ଭଲ ହୋଇଯିବ । ସତକୁ ସତ ମୋ ପୁଅ ଦେହ ଭଲ ହୋଇଗଲା । ସେବେଠାରୁ ମୁଁ ମାଛ ମାଉଁସକୁ ଛିଁ କରିଦେଇଛି ।’’ ମୋ ପାଟିରେ ଭାଷା ନଥିଲା । ମାଆର ପାଂଚ ଶହ ଟଙ୍କା ଭତ୍ତା ବୋଲି ପୁଅମାନେ ଝଗଡ଼ା କରୁଛନ୍ତି ମା’କୁ କିଏ ରଖିବ ।

ଖାଲି ପଚାରିଦେଲି, ପୁଅ ତ ଭଲ ହୋଇ ବଡ଼ ହୋଇଗଲାଣି । ଏବେ ତ ଖାଇପାରିବ। ଆଜି ଦିନଟା ଖାଇଦିଅ । ମୋ ଆଡ଼କୁ ଅନେଇ ବଡ଼ବୋଉ କହିଲେ, ନାଇଁରେ ପୁଅ ।

କେତେ ବଡ଼ ସେ ଆଉ ହେଲା କି ? ତା’ ଦେହ ମୁଣ୍ଡ ଭଲଥାଉ । ଏବେ ଡମ୍ବରୁଶ୍ୱର ପାଖକୁ ଗଲେ ତାଙ୍କୁ କହୁଛି, ମୋ ପୁଅ ଦେହ ଭଲରେ ରଖ। ମୁଁ ଆମିଷ ଖାଉନି । ହଉ ତୁ ଯା’ । ତୋର କ’ଣ କାମ ଥିବ । ମୁଁ ଯାଉଛି ।’’ ଏତକ କହି ବଡ଼ବୋଉ ଚାଲିଗଲେ । କିଛି ସମୟ ବସି ଭାବିଲି ଯାଇ ଡମ୍ବରେଶ୍ୱରଙ୍କୁ କହିବି କି ମା’କୁ ସପ୍ନେଇବା ଭଳି ପୁଅକୁ ଟିକେ ସପ୍ନାନ୍ତେ। ମା’ଟାକୁ ପାଖରେ ରଖ ବୋଲି । ଉଠି ଚୁପଚାପ୍ ଚାଲିଆସିଲି ମୋ କାର୍ଯ୍ୟାଳୟକୁ । ଆଉ ବଜାରକୁ ଯିବାକୁ ଇଚ୍ଛା ହେଲା ନାହିଁ ।

*ନୋଦା, ଡିମିରି, କଟକ, ମୋ –୯୯୩୭୪୭୬୯୦୭*





ବାଣୀ

# ଲାଜକୁଳୀ ବାଣୀ

ଗୋଟିଏ ପ୍ରଶ୍ନର ଉତ୍ତର ଦେବା ସମୟରେ ବାଣୀ କପୁର ଲାଜେଇ ଯାଉଛନ୍ତି। ହେଲେ କଥାଟି ଏମିତି କ'ଣ ଯେ ତାକୁ ଶୁଣିବା ପରେ ସେ ଲାଜରେ ଝାଉଁଳି ପଡୁଛନ୍ତି । ଏବେ ବାଣୀ ଯୁଆଡେ ଗଲେ ତାଙ୍କର ମନ ପସନ୍ଦର ଅଭିନେତାଙ୍କର ପ୍ରଶଂସା କରିବୁଲୁଛନ୍ତି। ସେ ହେଲେ ରଣବୀର କପୁର। ପୁଣି ଏମିତି ଯୋଗରେ ଦୁହେଁ ଏବେ ଯଶରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା 'ଶମ୍‌ଶେରା'ରେ ରଣବୀରଙ୍କ ସହ ଅଭିନୟ କରୁଛନ୍ତି। ଏପରି ଅଫର ବିଷୟରେ ବାଣୀ କହନ୍ତି, 'ଯେତେବେଳେ ମୁଁ ଜାଣିଲି ଯେ ଏହି ଫିଲ୍ମରେ ରଣବୀର କପୁର ମୋ ଅପୋଜିଟ୍‌ରେ ଅଭିନୟ କରିବେ, ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ରଣବୀର ହେଉଛନ୍ତି ମୋ ମନ ପସନ୍ଦର ଅଭିନେତା। ତାଙ୍କର ଆକ୍ଟିଂ ମୋତେ ବେଶ୍ ଇମ୍ପ୍ରେଶ କରିଛି। ଦିନେ ନା ଦିନେ ସେ ନିଜକୁ ଜଣେ ଶ୍ରେଷ୍ଠ ଅଭିନେତା ଭାବରେ ପରିଚିତ କରାଇ ପାରିବେ, ଏ ଦୃଢ଼ ବିଶ୍ୱାସ ମୋର ରହିଛି।' ଏହାପୂର୍ବରୁ ବାଣୀ 'ବେଫିକ୍ରେ' (ରଣବୀର ସିଂ), 'ୱାର' (ହ୍ରିତିକ ରୋଶନ) ଏବଂ 'ବେଲ୍ ବଟମ' (ଅକ୍ଷୟ କୁମାର)ରେ ଅଭିନୟ କରିସାରିଛନ୍ତି।

# ଶହେରୁ ଜଣେ

ଭୂମି ପେଦନେକରଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦମ୍ ଲଗାକେ ହୈସା'। ତେବେ ଏହି ଫିଲ୍ମର ନାୟିକା ଭୂମିକାରେ କିଏ ଅଭିନୟ କରିବ ସେ ନେଇ ଏକ ଅଡିସନ ହୋଇଥିଲା। ଏଥିରେ ଶହେ ଜଣ ନବାଗତାଙ୍କ ଅଡିଶନ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଭୂମି। ବେଶ କିଛି ବିଚାର ବିମର୍ଷ ପରେ ନିର୍ଦ୍ଦେଶକ ଶରତ କାଟାରିଆ ଭୂମିଙ୍କୁ ସିଲେକ୍‌ସନ କରିଥିଲେ। ହେଲେ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ଯଶରାଜ ଫିଲ୍ମସ ବ୍ୟାନର ସହ ଜଡିତ ଥିଲେ। ଏହି ବ୍ୟାନରରେ ସେ 'ଚକ୍ ଦେ ଇଣ୍ଡିଆ', 'ରକେଟ୍ ସିଂ : ସେଲସ୍‌ମ୍ୟାନ୍ ଅଫ ଦ ଇୟର' ଏବଂ 'ତିନ୍ ପତି' ଫିଲ୍ମ ପାଇଁ ଜଣେ କାଷ୍ଟିଂ ଆସିଷ୍ଟାଣ୍ଟ ଭାବରେ ଦୀର୍ଘ ୬ ବର୍ଷ କାମ କରିଥିଲେ। ପ୍ରଥମ ସିନେମାର ଆକ୍ଟିଂ କରିବା ସମୟରେ ଭୂମିଙ୍କ ଓଜନ ଥିଲା ୯୦ କିଗ୍ରା। ହେଲେ ବେଶ୍ କିଛି ମାସ ପରିଶ୍ରମ କରି ସେ ଓଜନ କମାଇବାରେ ସକ୍ଷମ ହୋଇଥିଲେ।



ଭୂମି

# ଗୁରୁ ଖୋଜାରେ ମନ

ଯାମି ଗୌତମଙ୍କର ଏବେ ଗୁରୁ ଖୋଜାରେ ମନ। ହେଲେ ସେ ଏମିତି ହଠାତ୍ ଗୁରୁ ଖୋଜୁଛନ୍ତି କାହିଁକି ? ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ସେ ପୁଣି ଥରେ କ୍ୟାମେରା ସାମ୍ନା କରିବାକୁ ମନ ବଳାଇଛନ୍ତି। ପତିଦେବ ତଥା ନିର୍ଦ୍ଦେଶକ ଆଦିତ୍ୟ ଧର ଏକ ଆକ୍ସନଭିତ୍ତିକ କାହାଣୀକୁ ନେଇ ସିନେମାଟିଏ ନିର୍ମାଣ କରିବାକୁ ଯାଉଛନ୍ତି। ଏହା ଜଣେ ପ୍ରତିଶୋଧ ପରାୟଣା ନାରୀର ଜୀବନୀକୁ ନେଇ ପ୍ରସ୍ତୁତ ହେବ। ଯେତେବେଳେ ଏହି ଫିଲ୍ମରେ ଯାମି ଲିଡ୍ ରୋଲ୍‌ରେ ଅଭିନୟ କରିବେ ବୋଲି ଜାଣିବାକୁ ପାଇଲେ, ତା'ପରେ ତାଙ୍କର ଖୁସି ଦେଖେ କିଏ। ଫାଇଟ୍ ଏବଂ ଷ୍ଟଣ୍ଟ ଶିଖିବାକୁ ସେ ଜଣେ ଗୁରୁ ସନ୍ଧାନରେ ଅଛନ୍ତି। ଏ ନେଇ ଯାମି କହନ୍ତି, 'ଯେତେବେଳେ ଆଦିତ୍ୟ ମୋତେ ଏ ବିଷୟରେ ସୂଚନା ଦେଲେ ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। କାରଣ ଏପରି ଏକ ଭୂମିକାକୁ ମୁଁ ତୁଲାଇପାରିବି ବୋଲି ତାଙ୍କର ବିଶ୍ୱାସ ରହିଛି। ତେଣୁ ଏ ନେଇ ମୋତେ ପ୍ରସ୍ତୁତ ହେବାକୁ ପଡିବ। ଫାଇଟ୍ ଶିଖିବାକୁ ଜଣେ ଭଲ ଟ୍ରେନର୍ ସନ୍ଧାନରେ ଅଛି। ଅବଶ୍ୟ ଏହି ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ହେବ। ତେଣୁ ମୋତେ ଫାଇଟ୍ ଶିଖିବା ପାଇଁ ଯଥେଷ୍ଟ ସମୟ ରହିଛି।' ତେବେ ଏଭଳି ଭୂମିକାରେ ଯାମି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଯାମି



ପ୍ରିୟଙ୍କା

# ଅନୁଭୂତି ବାଣ୍ଟୁଛନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ନିଜ ଅନୁଭୂତି ବାଣ୍ଟିବାରେ ବ୍ୟସ୍ତ। ବଲିଉଡ୍ ଆଉ ହଲିଉଡ୍‌ରେ ନିଜ ଅଭିନୟ ଜୀବନ ଏବଂ ବ୍ୟକ୍ତିଗତ ଜୀବନର କିଛି ସ୍ମରଣୀୟ ଘଟଣାକୁ ବଖାଣି ବସୁଛନ୍ତି ସେ। ହେଲେ ତାଙ୍କ ଆକ୍ଟିଂ ଲାଇଫ୍‌ରେ ଏବେ ସେ ଯେଉଁ ସ୍ଥାନରେ ଅଛନ୍ତି ସେଥିପାଇଁ ପତି ନିକ୍ ଜୋନାସ୍‌ଙ୍କ ଅବଦାନକୁ ଭୁରି ଭୁରି ପ୍ରଶଂସା କରୁଛନ୍ତି ଏହି ଅଭିନେତ୍ରୀ। ଏ ନେଇ ସେ କହନ୍ତି, 'ଅନୁଭୂତି ମଧୁର ହେଉ ଅବା ଦୁଃଖଦ ତାହାକୁ ସାଙ୍ଗମାନଙ୍କ ସହ ସେୟାର କରିବାର ମଜା ନିଆରା। ମୋର ଅଭିନୟ ଜୀବନରେ ଅନେକ ସ୍ମୃତି ସାଇତା ହୋଇ ରହିଛି। ମୋ ଆକ୍ଟିଂ ଲାଇଫକୁ ଆଗକୁ ବଢ଼ାଇବାରେ ନିକ୍‌ଙ୍କ ଅବଦାନକୁ ମୁଁ କଦାପି ଭୁଲି ପାରିବି ନାହିଁ। ଏବେ ତ ମୋ ପାଖରେ ଗୁଡାଏ ହଲିଉଡ୍ ଅଫର ରହିଛି। ଯଦି ଭଲ ହିନ୍ଦୀ ଫିଲ୍ମ ଅଫର ମିଳେ ତେବେ ସେ ନେଇ ନିଶ୍ଚୟ ଚିନ୍ତା କରିବି।'

# ସୁଇମିଙ୍ଗକୁ ଡର

'ଉରି-ଦ ସର୍ଜିକାଲ ଷ୍ଟ୍ରାଇକ୍' ଫିଲ୍ମ ଫେମ୍ ଭିକି କୌଶଲ ଗୋଟିଏ ଜିନିଷକୁ ଭାରି ଡରନ୍ତି। ଯେତେ ଚେଷ୍ଟା କଲେ ମଧ୍ୟ ଏଥିରେ ସେ ସଫଳ ହୋଇପାରିଲେ ନାହିଁ। ତାହା କ'ଣ ଜାଣନ୍ତି ? ସୁଇମିଙ୍ଗ। ଯେତେ ଚେଷ୍ଟା କଲେ ମଧ୍ୟ ସେ ପହଁରିବା ଶିଖି ପାରି ନାହାନ୍ତି। ନିକଟରେ ନିଜ ବ୍ୟକ୍ତିଗତ ଜୀବନ ବିଷୟରେ ସୂଚନା ଦେବା ସମୟରେ ଏପରି କଥା ବଖାଣିଥିଲେ ଭିକି। ଏ ସମ୍ପର୍କରେ ସେ କହନ୍ତି, 'ସତ କଥା ହେଲା ମୋର ସୁଇମିଙ୍ଗକୁ ଭାରି ଡର। ଯେତେ ଥର ଚାହିଁଛି ପହଁରିବା ଶିଖିବି, ତାହା ସମ୍ଭବ ହୋଇପାରିଲା ନାହିଁ। ଅବଶ୍ୟ ଏ ନେଇ ବେଳେବେଳେ ମନ ଦୁଃଖ ହୁଏ। ବର୍ତ୍ତମାନ ମୁଁ ଆକ୍ଟିଂ ପ୍ରତି ଅଧିକ ଧ୍ୟାନ ଦେଉଛି।' ଭିକିଙ୍କ ବିଷୟରେ ଆଉ ଏକ ମଜାଦାର କଥା ରହିଛି। 'ରମନ ରାଘବନ୍ ୨.୦'ର ଶୁଟିଂ ସମୟରେ ଭିକି ଦିନକୁ ପାଖାପାଖି ପାଞ୍ଚ ପ୍ୟାକେଟ୍ ସିଗାରେଟ୍ ଟାଣୁଥିଲେ। କାରଣ ଏଥିରେ ସେ ଏସିପି ରାଘବନ୍ ସିଂ ଭୂମିକାରେ ଅଭିନୟ କରୁଥିଲେ, ଯିଏ କି ଥିଲେ ଜଣେ ଚେନ୍ ସ୍ମୋକର। ଏଭଳି ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବା ପାଇଁ ତାଙ୍କୁ ସିଗାରେଟ୍ ଟାଣିବାକୁ ପଡୁଥିଲା। ଆଉ ଏକ କଥା। ହରର୍ ଫିଲ୍ମ ଦେଖିବାକୁ ଡରି ଥାଆନ୍ତି ଭିକି।



ଭିକି

ବୈଶାଳୀ



# କେଦାର ଗୌରୀ

କବିବର ରାଧାନାଥ ରାୟଙ୍କ କାଳଜୟୀ କାବ୍ୟ 'କେଦାରଗୌରୀ'କୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ନୂଆ ଓଡ଼ିଆ ସିନେମା। ଏହାର ଟାଇଟଲ ମଧ୍ୟ ରହିଛି 'କେଦାରଗୌରୀ'। ୬୦ ଦଶକର ଓଡ଼ିଶାର ଗ୍ରାମ୍ୟ ଜୀବନକୁ ନେଇ ରଚିତ ଏହି କାହାଣୀରେ ପ୍ରେମ, ପ୍ରତାରଣା, ପ୍ରତିଶୋଧ, ତ୍ୟାଗ ରହିଛି। ଏଭଳି ବିଷୟବସ୍ତୁକୁ ନେଇ ବ୍ରଜଲକ୍ଷ୍ମୀ ମୁଭିଜ ବ୍ୟାନରରେ ଚିତ୍ରଟିକୁ ପ୍ରସ୍ତୁତ କରାଯାଉଛି। ବିଶ୍ୱଜିତ ପଣ୍ଡା, ଅରୁବା ମୋହାନ୍ତ ଏବଂ ସୁଲଗ୍ନା ମହାନ୍ତି ସଂଳାପ ରଚନା କରିଛନ୍ତି। ବିଶ୍ୱଜିତ ପଣ୍ଡା ମଧ୍ୟ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ। ବିକାଶ ଦାସ ଗୀତଗୁଡ଼ିକୁ ସ୍ୱର ଦେଇଥିବା ବେଳେ କ୍ୟାମେରା ପରିଚାଳନା କରିବେ କେ. ସାଗା ଦେବେନ୍। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଅସୀତ ଏବଂ ବୈଶାଳୀ। ବୈଶାଳୀ ଜଣେ ଓଡ଼ିଶୀ ନୃତ୍ୟାଙ୍ଗନା। ୨୦୧୬ରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ 'ଦ ୱାଟରଫଲ୍'ରେ ଅଭିନୟ କରିବା ପରେ ତାଙ୍କ ମନରେ ଅଭିନେତ୍ରୀ ହେବାର ନିଶା ଆହୁରି ଘାରିଥିଲା। ଏହାବ୍ୟତୀତ କେତୋଟି ମ୍ୟୁଜିକ ଆଲବମ୍‌ରେ ମଧ୍ୟ ସେ ଅଭିନୟ କରିଛନ୍ତି। ତେବେ 'କେଦାରଗୌରୀ'ରେ ଗୌରୀ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଆସନ୍ତା ବର୍ଷ ଫେବୃୟାରୀରେ ଫିଲ୍ମଟି ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଅଧା ଚାହାଣୀକୁ ମୁରୁକି ହସ, ବଡ ଅଡୁଆ ଏ ପ୍ରେମର ଫାସ

**ପ୍ରଶ୍ନ–**ତା’ ଅଧା ଚାହାଣୀ ମୋତେ ଘାଇଲା କରିଛି। ତାହାର ହସରେ ମୁଁ ପାଗଳ। ହେଲେ ଆମ ଭିତରେ କେବେ ପ୍ରେମ ଷ୍ଟାର୍ଟ ହେବ ଜାଣିପାରୁନି। କ’ଣ କରିବି ?

*–ଉତ୍ତମ ଦାସ, କେନ୍ଦ୍ରାପଡା*

**ଉତ୍ତର:**ଆପଣ ସେହି ସୁନ୍ଦରର ଚାହାଣୀ ଆଉ ହସରେ ପାଗଳ। ଇଏ ତ ସାଧାରଣ କଥା। ହେଲେ ତା’ ପଛରେ କି କାହାଣୀ ଅଛି ତାହାକୁ ଭଲ ଭାବରେ ପଢ଼ନ୍ତୁ। ଯଦି ସେଥିରେ ପ୍ରେମର ବାସ୍ନା ରହିଲା, ତେବେ ବିଳମ୍ବ ନ କରି ତାକୁ ମନର କଥା କହି ଦିଅନ୍ତୁ। କାରଣ ଏ ପ୍ରେମର ଫାସରେ ବାନ୍ଧି ହେବା ଏତେ ସହଜ ନୁହେଁ। ‘ଅଧା ଚାହାଣୀକୁ ମୁରୁକି ହସ, ବଡ ଅଡୁଆ ଏ ପ୍ରେମର ଫାଶ।’ ତେଣୁ ଯଦି ପାଣିପାଗ ଠିକ୍ ଅଛି ତେବେ ତାକୁ ପ୍ରପୋଜ କରିବାକୁ ଆଦୌ ଡେରି କରନ୍ତୁ ନାହିଁ। କାରଣ ଏ ମନ ବଡ ଅମାନିଆ। କେତେବେଳେ କାହା ମନରେ ବସା ବାନ୍ଧେ ତାହା ଜାଣିବା କଷ୍ଟକର। ତେଣୁ ସୁବିଧା ଦେଖି ଏମିତି ଗୋଟି ଚାଳନା କରନ୍ତୁ, ଯେମିତି ଦୁହେଁ ଦେଖୁଦେଖୁ ପ୍ରେମ ଫାଶରେ ବାନ୍ଧି ହୋଇଯିବେ।

**ପ୍ରଶ୍ନ–**ଥରେ ଜଣେ ସୁନ୍ଦରୀ ମୋତେ କହିଲା ଯେ ସେ ମୋତେ ମନ ପ୍ରାଣ ଦେଇ ଭଲ ପାଉଛି। ଆମ ଭିତରେ ପ୍ରେମ ବେଶ୍ କିଛି ମାସ ଚାଲିବା ପରେ ଏବେ ସେ ମୋତେ ଦେଖିଲେ ମୁହଁ ମୋଡି ଚାଲିଯାଉଛି। ହେଲେ ମୁଁ ତା’ ବିନା ବଞ୍ଚି ପାରିବି ନାହିଁ। ମୋତେ କିଛି ଉପାୟ ବତାଇବେ କି ?

*–ସୁଜିତ ରାଉତ, ପୁରୀ*

**ଉତ୍ତର:** ସେହି ସୁନ୍ଦରୀ ଯେତେବେଳେ ଆପଣଙ୍କୁ ତା’ ମନର କଥା କହିଲା, ସେତେବେଳେ ଆପଣ ତାକୁ ଭଲ ଭାବରେ ତର୍ଜମା କରିଥିଲେ ତ ? ପୁଣି ଉଲ୍ଲେଖ କରିଛନ୍ତି ଯେ, କିଛି ମାସ ଦୁହିଁଙ୍କ ପ୍ରେମର ଗାଡି ସୁରୁଖୁରୁରେ ଗଡିଛି। ହେଲେ ଏବେ ଆପଣଙ୍କର ଏହି ପ୍ରେମରେ ଭାଇରସ ପଶିଯାଇଛି। ଯେଉଁ ଝିଅ ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଉଥିଲା ଏବେ ସେ ମୁହଁ ମୋଡି ଚାଲିଯାଉଛି। ଏହାପଛରେ ନିଶ୍ଚୟ କିଛି କାରଣ ଅଛି। ହୁଏତ ସେ ଅଭିମାନ କରିଛି, କିମ୍ବା ତା’ ମନରେ ଅବିଶ୍ୱାସର ପ୍ରାଚୀର ଠିଆ ହୋଇଛି। ତେଣୁ ଯେତେଶୀଘ୍ର ଏସବୁର ଉତ୍ତର ପାଇବାକୁ ଚେଷ୍ଟା କରନ୍ତୁ। ଯଦି ଫଳ କିଛି ନ ହେଲା ତେବେ ସେଭଳି ପ୍ରେମିକା ଆଉ ପ୍ରେମକୁ ଯେତେଶୀଘ୍ର ଗୁଡବାୟ କରିବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ–** ଏ ପର୍ଯ୍ୟନ୍ତ ପ୍ରାୟ ୮-୧୦ ଜଣଙ୍କୁ ପ୍ରପୋଜ କରିସାରିଲିଣି। ହେଲେ ମୋତେ ମନଲାଖି ପ୍ରେମିକାଟିଏ ମିଳୁ ନାହାନ୍ତି କାହିଁକି ?

*–ଜିତେନ୍ଦ୍ର କୁମାର, ରାଉରକେଲା*

**ଉତ୍ତର:** ଆପଣ ଆତୁରିଆ ହୋଇ ପ୍ରେମ କରିବାକୁ ବୋଧହୁଏ ଆଗେଇଛନ୍ତି। କେବଳ ଯାହାକୁ ଦେଖିବେ ତାକୁ ପ୍ରପୋଜ କଲେ ପ୍ରେମ ହୋଇଯାଏନା, ତାହାର ଅସଲ ତରିକାକୁ ଫଲୋ କରିବା ଦରକାର। ପ୍ରଥମେ ନିଜ ମନରେ ସ୍ଥିରତା ଆଣନ୍ତୁ। ଯେଉଁ ଝିଅକୁ ପ୍ରପୋଜ କରିବାକୁ ଚାହୁଁଛନ୍ତି, ତାହାର ମାନସିକତାକୁ ଭଲ ଭାବରେ ଷ୍ଟଡି କରନ୍ତୁ। ଯଦି ତା’ ଚାହାଣୀ କି ଭାବଭଙ୍ଗୀରେ ପ୍ରେମର ସିଗ୍‌ନାଲ ଦେଖିବାକୁ ପାଇଲେ ତେବେ ବେଳକାଳ ଦେଖି ତା’ ସାମ୍‌ନାରେ ମନର କଥା କହିଦିଅନ୍ତୁ। ନ ହେଲେ ପ୍ରେମିକାଟିଏ ଖୋଜିବା ପାଇଁ ଯେଉଁ ବାଟ ଆପଣେଇଛନ୍ତି ସେହି ବାଟରେ ଗଲେ କେବଳ କ୍ଷଣିକ ଆତ୍ମତୃପ୍ତି ବ୍ୟତୀତ ଆଉ କିଛି ମିଳିବ ନାହିଁ।

**ପ୍ରଶ୍ନ–**ମୁଁ ଯାହାକୁ ଭଲ ପାଉଛି, ତାକୁ ମୋ ସାଙ୍ଗ ଗତ ବର୍ଷ ଭଲ ପାଉଥିଲା। ସେହି ଝିଅ ସହ ମୋ ପ୍ରେମ ମିଶନ୍ ଆଗେଇଲେ କିଛି କ୍ଷତି ହେବ କି ?

*–ଅଜିତ ନନ୍ଦ, ବାଲେଶ୍ୱର*

**ଉତ୍ତର:** ଯାହାକୁ ଆପଣ ଭଲ ପାଉଛନ୍ତି ସେ ଗତ ବର୍ଷ ଆପଣଙ୍କ ସାଙ୍ଗର ପ୍ରେମିକା ଥିଲା– ଏକଥା ଏବେ ଜାଣିଲେ ନା, ତା’ ସହ ପ୍ରେମ ଆରମ୍ଭ ପୂର୍ବରୁ ଜାଣିଥିଲେ। ଯଦି ପୂର୍ବରୁ ଜାଣିଥିଲେ, ତେବେ ସେପରି ପ୍ରେମ ଉପରେ ଭରସା କରୁଥିଲେ କେମିତି ? ଏବେ ସେ ଝିଅର ଆପଣଙ୍କ ସାଙ୍ଗ ସହ ପ୍ରେମ ସମ୍ପର୍କ ଅଛି କି ନାହିଁ ତାହା ପ୍ରଥମେ ଜାଣନ୍ତୁ। ସେଭଳି ଝିଅକୁ ପ୍ରେମିକା ଭାବରେ ଗ୍ରହଣ କରି ଆଗେଇବା ଠିକ୍ କି ଭୁଲ ତାହା ନିଜ ଉପରେ ନିର୍ଭର କରେ। ତେଣୁ ଦେଖିଚାହିଁ ନିଷ୍ପତ୍ତି ନିଅନ୍ତୁ। ନ ହେଲେ ଭବିଷ୍ୟତରେ ଆପଣ ଯେ ପ୍ରତାରଣାର ଶିକାର ନ ହେବେ ତାହାର ଗ୍ୟାରେଣ୍ଟି କିଏ ଦେବ ?



ସାଥୀ

**ପ୍ରଥମ ରୋଜଗାର**

# ଦରମା ଟଙ୍କାରେ ୫ଟି ଶାଢ଼ି କିଣିଥିଲି



ଆକାଶବାଣୀର ଅବସରପ୍ରାପ୍ତ ସିନିୟର୍ ପ୍ରୋଗ୍ରାମ୍ ଏକ୍‌ଜିକ୍ୟୁଟିଭ୍, ନାଟ୍ୟ ଅଭିନେତା ତଥା ନିର୍ଦ୍ଦେଶକ କିଶୋର ମହାନ୍ତି ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ନରଦା ଗାଁରେ ମୋ ଜନ୍ମ। ଚୌଧୁରୀ ରାଧାନାଥ ବିଦ୍ୟାପୀଠରୁ ମାଟ୍ରିକ୍ ପାସ୍ କରିବା ପରେ ଖୋର୍ଦ୍ଧା ପ୍ରାଣନାଥ କଲେଜରେ ପ୍ରିୟୁନିଭର୍ସିଟି ପଢିଲି। କାରଣ ବାପା ସେଠାରେ ରେଳବାଇ ବିଭାଗରେ ଚାକିରି କରୁଥିଲେ। କିଛିଦିନ ପରେ ତାଙ୍କର ପୁରୀକୁ ବଦଳି ହେବାରୁ ଏସ୍.ସି.ଏସ୍. କଲେଜରୁ ଅର୍ଥନୀତି ସମ୍ମାନରେ ସ୍ନାତକ ଶିକ୍ଷା ସମାପ୍ତ କରି ରେଭେନ୍ସା କଲେଜରେ ଓଡ଼ିଆରେ ଏମ୍.ଏ. କରିବାକୁ ଆଡ୍‌ମିଶନ୍ ନେଲି। ଏମ୍.ଏ. ସରୁ ସରୁ ରାଧାନାଥ ଟ୍ରେନିଂ କଲେଜରେ ବିଇଡି କଲି। ତେବେ ଏମ୍.ଏ. ପଢ଼ିବା ସମୟରୁ ହିଁ ମୁଁ ଆକାଶବାଣୀ ସହ ସଂଶ୍ଳିଷ୍ଟ। ଯେହେତୁ କବିତା ଓ ଗୀତିକବିତା ଲେଖିବା ସହ ଡ୍ରାମାରେ ଅଭିନୟ କରିବାରେ ରୁଚି ଥିଲା, ତେଣୁ ଅଡିସନ୍ ଦେଇ ସେତେବେଳେ ଯୁବବାଣୀ ବିଭାଗରେ କବିତା ପାଠ ସହ ବିଭିନ୍ନ କାର୍ଯ୍ୟକ୍ରମ ଉପସ୍ଥାପନା କରିବାର ଦାୟିତ୍ୱ ନିଜ ହାତକୁ ନେଇଥିଲି। ଆଉ ସେ ବାବଦରେ ପ୍ରତି ମାସ ମୋତେ ୬୦ଟଙ୍କା ଲେଖାଏ ପାରିଶ୍ରମିକ ମିଳୁଥିଲା। ସେଥିରୁ କିଛି ହାତଖର୍ଚ୍ଚ ପାଇଁ ରଖି ବାକି ଟଙ୍କାରେ ବହି କିଣୁଥିଲି। ଏମିତି ଭାବେ ବେଶ୍ କିଛିଦିନ ବିତିବା ପରେ ଉତ୍କଳ ବିଦ୍ୟାପୀଠ, ଖଡଗପୁରରେ ଏକ ପୋଷ୍ଟ ବାହାରିଲା। ସେଠି ଯାଇ ସହକାରୀ ଶିକ୍ଷକ ଭାବେ ଜଏନ୍ କଲି। ଏଠାରୁ ମୋର ଚାକିରି ଜୀବନର ଯେଉଁ ପ୍ରଥମ ରୋଜଗାର ହେଲା, ସେଥିରେ ୫ ଖଣ୍ଡ ଶାଢ଼ି କିଣିଥିଲି। ଗୋଟେ ମୋ ବୋଉ ପାଇଁ, ଦୁଇଟି ମୋ ଦୁଇ ଭଉଣୀଙ୍କ ପାଇଁ ଏବଂ ଆଉ ଦୁଇଟି ମୋ ଦୁଇ ଖୁଡ଼ୀଙ୍କ ପାଇଁ। ତେବେ ସେଠାରେ ୨ ବର୍ଷ କାମ କରିବା ପରେ ଆକାଶବାଣୀ, ଜୟପୁରରେ ଆସିଷ୍ଟାଣ୍ଟ ପ୍ରଡ୍ୟୁସର୍ ପୋଷ୍ଟ ପାଇଁ ଇଣ୍ଟରଭ୍ୟୁ ବାହାରିଲା। ଇଣ୍ଟରଭ୍ୟୁ ଦେଇ ସିଲେକ୍ଟ ହେବା ପରେ ୪ ବର୍ଷ ସେଠାରେ କାମ କରି କଟକକୁ ବଦଳି ହୋଇ ଆସିଲି। କଟକରେ ବେଶ୍ କିଛି ବର୍ଷ କାମ କରିବା ପରେ ୟୁ.ପି.ଏସ୍.ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜୋରନ୍ଦା, ଆକାଶବାଣୀର ମୁଖ୍ୟ ଭାବେ ଯୋଗଦେଲି। ୪ ବର୍ଷ ପରେ ପୁଣି କଟକ ବଦଳି ହୋଇ ଆସି ସିନିୟର୍ ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଭାବେ କାମ କଲି। ତା’ପରେ ରାଉରକେଲା ଯାଇ ସେଠି କିଛିଦିନ କାମ କରିବା ପରେ ପୁନର୍ବାର କଟକ ଆସି ପ୍ରାୟ ୩/୪ ବର୍ଷ କାର୍ଯ୍ୟ କରି ଶେଷରେ ୨୦୧୪ରେ ଚାକିରିରୁ ଅବସର ନେଇଥିଲି। ଚାକିରି ଜୀବନ ବାଦ୍ ଲେଖାଲେଖିରେ ମଧ୍ୟ ମୋର ବିଶେଷ ରୁଚି ରହିଛି। ତା’ଛଡ଼ା ଅନେକ ନାଟକରେ ଅଭିନୟ ସାଙ୍ଗକୁ, ନାଟକ ଲେଖିବା, ନିର୍ଦ୍ଦେଶନା ଦେବା ତଥା ନାଟକ ପ୍ରଯୋଜନା ମଧ୍ୟ କରିଛି। ଏପରି କି ମୋର ୫ଟି ନାଟ୍ୟ ପୁସ୍ତକ ବି ପ୍ରକାଶିତ ହୋଇସାରିଛି, ଯଥା: ହଜିଯାଇଥିବା ଈଶ୍ୱର, ବିଭକ୍ତ ସମୟର ସ୍ୱର, ପ୍ରେମ ଉପତ୍ୟକାରେ ଝଡ଼, ଆଜିକାଲିର ନାଟକ, ନିରୁଦ୍ଦିଷ୍ଟ ଭଗବାନ। ଖାସ୍‌କରି ମୋ ଲିଖିତ ହଜିଯାଇଥିବା ଈଶ୍ୱରର ହୀନ୍ଦି ଭର୍ସନ ‘ଏକ୍ ଖୋଜ୍’କୁ ବିବିଧ ଭାରତୀ ବମ୍ବେ ବ୍ରଡକାଷ୍ଟ କରିସାରିଛି, ଯାହା ଥିଲା ମୋ ପାଇଁ ଅତ୍ୟନ୍ତ ଖୁସିର ବିଷୟ। ତା’ଛଡା ‘ଜଣେ ଲୋକଥିଲା’ ନାମରେ ଏକ ଅନୁବାଦ ପୁସ୍ତକ, ମାୟାବତୀର ତୃଷ୍ଣା (କବିତା ପୁସ୍ତକ), ଜହ୍ନରାତିର ଗୀତି (ଗୀତି କବିତା ପୁସ୍ତକ) ଏବଂ ପୁରାଣ ସୌରଭ (ଶିଶୁ ପୁସ୍ତକ) ମଧ୍ୟ ମୋର ପ୍ରକାଶିତ ହୋଇସାରିଛି। ଏସବୁ ବ୍ୟତୀତ ବିଭିନ୍ନ ଖବରକାଗଜରେ ସ୍ତମ୍ଭ ଲେଖାଲେଖି ବି ମୋର ଜାରି ରହିଛି। ଭଗବାନଙ୍କ କୃପାରୁ ଆଜିଯାଏ ସବୁକିଛି ଠିକ୍‌ଠାକ୍ ଚାଲିଛି, ଆଉ ଆଗକୁ ଏମିତି ଚାଲୁ ବୋଲି ମୋର ଆଶା ରହିଛି।

**–ଅମ୍ରିତା**

# ବାପୁଙ୍କ ପ୍ରିୟ ଖାଦ୍ୟ





**ଜା**ତିର ପିତା ମହାତ୍ମା ଗାନ୍ଧୀ 'ସିମ୍ପୁଲ ଲିଭିଂ ହାଇ ଥିଙ୍କିଙ୍ଗ' ଉପରେ ବିଶ୍ୱାସ ରଖୁଥିଲେ। ତା'ସହ ସେ ଏହା ବି କହୁଥିଲେ ଯେ, 'ବି ଦ ଚେଞ୍ଜ ଦ୍ୟାଟ୍ ୟୁ ୱାଣ୍ଟ ଇନ୍ ଦ ୱାର୍ଲଡ'। ତେଣୁ ସେ ପ୍ରଥମେ ନିଜ ଜୀବନଶୈଳୀକୁ ଏଭଳି କରୁଥିଲେ ଯେପରିକି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବେ। ଏମିତିକି ସେ ଖାଦ୍ୟ କ୍ଷେତ୍ରରେ ବି ପ୍ରଥମେ ନିଜେ ଏକ ଉଦାହରଣ ହେବାକୁ ଚାହୁଁଥିଲେ। ତେଣୁ ଖାଦ୍ୟ ଉପରେ ସେ ଅନେକ ଗବେଷଣା କରୁଥିଲେ। ଆଉ ମାପିଚୁପି ଅର୍ଗାନିକ ଖାଇବା ଅର୍ଥାତ୍ ଆଜିକାଲିର ଡାଏଟ୍ କଣ୍ଟ୍ରୋଲ ତ ପ୍ରଥମେ ତାଙ୍କଠାରୁ ହିଁ ଆରମ୍ଭ ହୋଇଥିଲା। ଏହାଛଡା ବାପୁଜୀ ସ୍ୱାସ୍ଥ୍ୟ ଓ ଖାଦ୍ୟପେୟ ଉପରେ 'ଡାଏଟ୍ ଆଣ୍ଡ ଡାଏଟ୍ ରିଫର୍ମସ୍', 'ଦ ମୋରାଲ ବେସିସ୍ ଅଫ୍ ଭେଜିଟେରିଆନିଜମ୍', 'କି ଟୁ ହେଲ୍ଥ' ଭଳି ପୁସ୍ତକ ବି ଲେଖିଥିଲେ। ତେବେ ଆସନ୍ତୁ ଜାଣିବା ତାଙ୍କ ପସନ୍ଦର ଖାଦ୍ୟ ସବୁ କ'ଣ ଥିଲା..

---

**ଭାତ ଓ ଡାଲି:** ଗାନ୍ଧିଜୀ ଶାକାହାରୀ ଥିଲେ। ବ୍ରାଉନ୍ ରାଇସ୍ ସହ ଡାଲି ଓ ସ୍ଥାନୀୟ ପନିପରିବାରେ ତିଆରି ତରକାରି ତାଙ୍କର ନିତିଦିନିଆ ଖାଦ୍ୟ ଥିଲା।

**ରୁଟି:** ଦ୍ୱିପ୍ରହରରେ ଗହମ ଓ ଚଣା ଡାଲିର ଅଟାରେ ତିଆରି ରୁଟି ସହ ଡାଲି ଖାଉଥିଲେ।

**ସିଝା ବାଇଗଣ:** ସମସ୍ତେ ସିଝା ବାଇଗଣର ଭର୍ତ୍ତା ଖାଇଥିବେ। ହେଲେ କେହି ଖାଲି ସିଝା ବାଇଗଣ ଖାଇ ନ ଥିବେ। ବାପୁଜୀଙ୍କ ଖାଦ୍ୟରେ କିନ୍ତୁ ସିଝା ବାଇଗଣ ସାମିଲ ରହୁଥିଲା। ଆଉ ଏହା ତାଙ୍କର ବହୁତ ପ୍ରିୟ ଥିଲା। ଖାଲି ବାଇଗଣ ନୁହେଁ ଅନ୍ୟ ବହୁ ପନିପରିବାକୁ ବି ସେ ସିଝା ଖାଇବା ପସନ୍ଦ କରୁଥିଲେ। ଏମିତିକି ଲୁଣ ବି ବ୍ୟବହାର କରୁ ନ ଥିଲେ।

**ଚିନି ନୁହେଁ ଗୁଡ:** ବାପୁଙ୍କ ମତ ଥିଲା ଚିନି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ସେ ଏହା ବଦଳରେ ଗୁଡ ବ୍ୟବହାର କରୁଥିଲେ।

**ଅରନ୍ଧା ଖାଦ୍ୟ:** ବାପୁଜୀ ଅରନ୍ଧା ଖାଦ୍ୟ ଖାଇବା ଉପରେ ଗବେଷଣା କରି ଅନେକ ଦିନ ପର୍ଯ୍ୟନ୍ତ ଅରନ୍ଧା ଖାଦ୍ୟ ଯେମିତିକି କଞ୍ଚା ପନିପରିବା, ଫଳମୂଳ ଆଦି ଖାଉଥିଲେ। ଏହାଦ୍ୱାରା ଅନେକ ସମୟରେ ଦୁର୍ବଳ ଅନୁଭବ ବି କରୁଥିଲେ। ଆଉ ଏହି ଦୁର୍ବଳତାକୁ ଦୂର କରିବା ପାଇଁ ବାପୁଜୀ ତାଙ୍କ ପୁସ୍ତକରେ ଲେଖିଛନ୍ତି ଯେ, କ୍ଷୀର ଓ ଘିଅ ଅରନ୍ଧା ଖାଦ୍ୟରେ ସାମିଲ କଲେ ଶରୀରରେ ଶକ୍ତି ଆସେ ଓ ମସ୍ତିଷ୍କ ଶାନ୍ତ ହୁଏ। ତାଙ୍କ ମତରେ ଅରନ୍ଧା ଖାଦ୍ୟ ହେଉଛି ଶୁଦ୍ଧ ଏବଂ ସ୍ୱାସ୍ଥ୍ୟକର। ସେ ମସଲାଯୁକ୍ତ ଖାଦ୍ୟ ଆଦୌ ଖାଉ ନ ଥିଲେ। କେବଳ ସିଝା ଅବା କଞ୍ଚା ଖାଦ୍ୟ ଖାଉଥିଲେ।

**ଅଙ୍କୁରିତ ଗହମ:** ଦିନରେ ଥରେ ଯେମିତି ବି ହେଉ ବାପୁଜୀ ଅଙ୍କୁରିତ ଗହମ ଖାଉଥିଲେ।

**ଛେଳି କ୍ଷୀର:** ଗାନ୍ଧିଜୀ ଯେବେ ଲଣ୍ଡନ ଯାଇଥିଲେ ସେଠାରେ ଭେଜିଟେରିଆନ୍ ସୋସାଇଟିର ସଦସ୍ୟ ହୋଇଥିଲେ। କେବଳ ସେତିକି ନୁହେଁ ପରେ ସେ କ୍ଷୀର ଓ କ୍ଷୀରରେ ପ୍ରସ୍ତୁତ ସାମଗ୍ରୀ ଖାଇବା ଛାଡି ଦେଇ ଭେଗାନ ପାଲଟିଯାଇଥିଲେ। ତାଙ୍କର ଚିନ୍ତାଧାରା ଥିଲା ଯେ, ମଣିଷର କେବଳ ନିଜ ମା' କ୍ଷୀର ପିଇବା ଅଧିକାର ଅଛି। ଆଉ କାହାର ନୁହେଁ। କିନ୍ତୁ ପରବର୍ତ୍ତୀ ସମୟରେ ଦୀର୍ଘଦିନର ଉପବାସ ଫଳରେ ଥରେ ବାପୁଜୀ ଦୁର୍ବଳ ହୋଇଯିବା ଯୋଗୁ ଡାକ୍ତର ତାଙ୍କୁ କ୍ଷୀର ପିଇବାକୁ ପରାମର୍ଶ ଦେଇଥିଲେ। ଆଉ ସେ ଛେଳି କ୍ଷୀର ପିଇବା ଆରମ୍ଭ କରିଥିଲେ। ଏହାବାଦ ସେ ନିଜ ପାଇଁ ବାଦାମ କ୍ଷୀର ବି ତିଆରି କରୁଥିଲେ।

**ପଖାଳ ଭାତ:** ୧୯୩୪ରେ ପୁରୀରୁ ହରିଜନ ପଦଯାତ୍ରା ଆରମ୍ଭ କରିବା ପାଇଁ ଯେବେ ଗାନ୍ଧିଜୀ ଓଡିଶା ଆସିଥିଲେ, ସେତେବେଳେ ସେ ଓଡ଼ିଶାର ଲୋକପ୍ରିୟ ଖାଦ୍ୟ ପଖାଳ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପ୍ରସିଦ୍ଧ ଲେଖକ ଦାସ ବେନହୁର ଏକ ସାକ୍ଷାତକାରରେ କହିଥିଲେ, 'ପଦଯାତ୍ରାବେଳେ ଥରେ ଉତ୍ତପ୍ତ ମେ' ମାସର ଦ୍ୱିପ୍ରହରରେ ରମା ଦେବୀ ଅନୁଗାମୀଙ୍କୁ ପଖାଳ ବାଢ଼ିଥିଲେ। ବହୁତ ଉତ୍ସୁକତାର ସହ ବାପୁ ପଖାଳ ସମ୍ପର୍କରେ ପଚାରିଥିଲେ। ଏହାର ପ୍ରସ୍ତୁତି ପ୍ରଣାଳୀ ବି ବୁଝିଥିଲେ। କହିବାକୁ ଗଲେ ବାପୁଜୀ ପଖାଳ ପ୍ରେମରେ ପଡ଼ିଯାଇଥିଲେ। ଆଉ ବହୁତ ପ୍ରଶଂସା କରିଥିଲେ।'



















ସୂଚୀଶ୍ରୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ପାଗଳ

ଏକ ପାଗଳ ଆଇନା ଦେଖି ଭାବିଲା- ୟାକୁ ମୁଁ କୋଉଠି ଦେଖିଛି।
ଅନେକ ସମୟ ଭାବିବା ପରେ ମନେପଡ଼ିଲା। ଆଉ କହିଲା- ଧେତ୍, ଇଏ ତ ସେଇ ଯିଏ ମୋ ସହ ସେଲୁନ୍‌ରେ ଚୁଟି କାଟୁଥିଲା।

### ଭଲ ପାଅ

ସ୍ତ୍ରୀ ସ୍ୱାମୀଙ୍କୁ- ମତେ ତମେ ଭଲ ପାଅ ?
ସ୍ୱାମୀ- ହଁ।
ସ୍ତ୍ରୀ- କେତେ ?
ସ୍ୱାମୀ- ଶାହଜାହାଁ ମମତାଜଙ୍କୁ ଭଲ ପାଉଥିଲେ ଯେତେ।
ସ୍ତ୍ରୀ- ସତ ? ମୋ ପାଇଁ ତାଜମହଲ ବନେଇ ପାରିବ ?
ସ୍ୱାମୀ- କେବେଠୁ ଜାଗା କିଣି ରଖିଛି। ଖାଲି ତୁମ ମରିବା ସମୟକୁ ଅପେକ୍ଷା କରିଛି।

### ଗିଫ୍ଟ

ପ୍ରଥମ ସାଙ୍ଗ- ମୁଁ ମୋ ଭଉଣୀର ନୂଆ ସୁନା ହାର ଓ ମୁଦି ଚୋରି କରି ଗର୍ଲଫ୍ରେଣ୍ଡକୁ ଗିଫ୍ଟ ଦେଇଛି।
ଦ୍ୱିତୀୟ ସାଙ୍ଗ ପ୍ରଥମ ସାଙ୍ଗକୁ ଚାପୁଡ଼ା ମାରି- ସେଇ ମୁଦି ଓ ହାର ମୁଁ ଦେଇଥିଲି।
ପ୍ରଥମ ସାଙ୍ଗ-ତୁ ଏତେ ବ୍ୟସ୍ତ ହଅନା। ସେଇ ନେକ୍‌ଲେସ୍ ଓ ହାର ତୋ ଘରକୁ ପୁଣି ଫେରି ଯାଇଛି। ମାନେ ମୋ ଗର୍ଲଫ୍ରେଣ୍ଡ ହେଉଛି ତୋ ଭଉଣୀ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲା

# ଗାନ୍ଧୀ ମ୍ୟୁଜିୟମ୍



ମହାତ୍ମା ଗାନ୍ଧୀ, ଯାହାଙ୍କୁ ମୋହନଦାସ କରମଚାନ୍ଦ ଗାନ୍ଧୀ, ବାପୁଜୀ, ଜାତିର ପିତା ବା ରାଷ୍ଟ୍ରପିତା ଭାବେ ମଧ୍ୟ ଜଣାଯାଇଥାଏ। ଯିଏ କି ଥିଲେ ଭାରତୀୟ ସ୍ୱତନ୍ତ୍ରତା ଆନ୍ଦୋଳନର ପ୍ରମୁଖ ନେତା। ସିଏ ଭାରତୀୟ ଜନତାଙ୍କୁ ହିଂସାର ମାର୍ଗ ଛାଡ଼ି ଅହିଂସାକୁ ଆଧାର କରି ସ୍ୱତନ୍ତ୍ରତା ପ୍ରାପ୍ତ କରିବାକୁ ସବୁବେଳେ ପ୍ରେରଣା ଦେଉଥିଲେ। ଅସହଯୋଗ ଆନ୍ଦୋଳନରୁ ଆରମ୍ଭ କରି ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଭଳି ଅନେକ ଆନ୍ଦୋଳନ ଜରିଆରେ ସିଏ ଭାରତକୁ ସ୍ୱତନ୍ତ୍ରତା ଦେବା ପାଇଁ କରିଥିବା ଆପ୍ରାଣ ଚେଷ୍ଟା ଆଜି ବି ପ୍ରତି ଭାରତୀୟଙ୍କ ମନରେ ଅବିସ୍ମରଣୀୟ ହୋଇ ରହିଛି। ସେଥିପାଇଁ ସମଗ୍ର ଭାରତବର୍ଷରେ ବାପୁଜୀଙ୍କର ନାମକୁ ବେଶ୍ ସମ୍ମାନର ସହ ନିଆଯାଇଥାଏ। ତା'ଛଡ଼ା ଆଗାମୀ ପିଢ଼ିଙ୍କୁ ଗାନ୍ଧିଜୀଙ୍କର ବିଚାର ସମ୍ପର୍କରେ ତଥା ତାଙ୍କର ସାଦାସିଧା ଜୀବନଶୈଳୀ ବିଷୟରେ ଅବଗତ କରାଇବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ରହିଛି ଗାନ୍ଧୀ ମ୍ୟୁଜିୟମ୍ ବା ସଂଗ୍ରହାଳୟ...



**ନ୍ୟାଶନାଲ୍ ଗାନ୍ଧୀ ମ୍ୟୁଜିୟମ୍:** ଗାନ୍ଧିଜୀଙ୍କୁ ସମର୍ପିତ ଏହି ସଂଗ୍ରହାଳୟଟି ବର୍ତ୍ତମାନ ନୂଆ ଦିଲ୍ଲୀର ରାଜଘାଟରେ ଅବସ୍ଥିତ। କିନ୍ତୁ ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ମୃତିରେ ପ୍ରଥମେ ଏକ ସଂଗ୍ରହାଳୟ ମୁମ୍ବାଇରେ ଖୋଲାଯାଇଥିଲା, ଯେଉଁଠାରେ ଗାନ୍ଧିଜୀଙ୍କ ସହ ଜଡ଼ିତ କିଛି ବ୍ୟକ୍ତିଗତ ବସ୍ତୁ, ସମାଚାରପତ୍ର, ପୁସ୍ତକ ଆଦିକୁ ସ୍ଥାନ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସଂଗ୍ରହାଳୟଟି ନୂଆ ଦିଲ୍ଲୀସ୍ଥିତ କୋଟା ହାଉସ୍‌କୁ ସ୍ଥାନାନ୍ତରିତ ହୋଇ ଆସିଥିଲା। ଶେଷରେ ୧୯୬୧ ମସିହାରେ ଏହା ନୂଆ ଦିଲ୍ଲୀର ରାଜଘାଟକୁ ସ୍ଥାନାନ୍ତରିତ ହୋଇ ବିଧିବଦ୍ଧ ଭାବେ ଲୋକାର୍ପିତ ହୋଇଥିଲା। ତେଣୁ ଗାନ୍ଧୀ ଜୟନ୍ତୀ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ମ୍ୟୁଜିୟମ୍‌କୁ ବୁଲିଯାଇ ଏଠାରୁ ଗାନ୍ଧିଜୀଙ୍କ ସମ୍ପର୍କରେ ଅନେକ କିଛି ତଥ୍ୟ ହାସଲ କରିପାରିବେ।



**ଗାନ୍ଧୀ ମେମୋରିଆଲ୍ ମ୍ୟୁଜିୟମ:** ତାମିଲନାଡୁର ମଦୁରାଇଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ମୃତିରେ ଏକ ସଂଗ୍ରହାଳୟ ୧୯୫୯ ମସିହାରେ ଗଢ଼ି ଉଠିଥିଲା, ଯାହାର ନାଁ ହେଉଛି ଗାନ୍ଧୀ ମେମୋରିଆଲ୍ ମ୍ୟୁଜିୟମ୍। କେହି କେହି ଏହାକୁ ଗାନ୍ଧୀ ମ୍ୟୁଜିୟମ୍ ବି କହିଥାନ୍ତି। ଦେଶରେ ଦେଖିବାକୁ ମିଳୁଥିବା କେତୋଟି ପ୍ରମୁଖ ଗାନ୍ଧୀ ମ୍ୟୁଜିୟମ୍ ବା ଗାନ୍ଧୀ ସଂଗ୍ରହାଳୟ ମଧ୍ୟରୁ ଏହା ହେଉଛି ଅନ୍ୟତମ। ଏଠାରେ ଗାନ୍ଧିଜୀଙ୍କ ଜୀବନୀ ସହ ସମ୍ପର୍କ ଥିବା ଅନେକ ସ୍ମୃତିପୂର୍ଣ୍ଣ ଜିନିଷକୁ ସାଇତି ରଖାଯାଇଛି। ଉକ୍ତ ମ୍ୟୁଜିୟମ୍‌ରେ ତିନୋଟି ସ୍ୱତନ୍ତ୍ର ବିଭାଗ ରହିଛି ଯଥା: 'ଇଣ୍ଡିଆ ଫାଇଟ୍ସ ଫର୍ ଫ୍ରିଡମ୍', 'ଭିଜୁଆଲ୍ ବାୟୋଗ୍ରାଫି ଅଫ୍ ଗାନ୍ଧିଜୀ' ଏବଂ 'ରେଲିକ୍ସ ଆଣ୍ଡ ରେପ୍ଲିକାସ୍'। 'ଇଣ୍ଡିଆ ଫାଇଟ୍ସ ଫର୍ ଫ୍ରିଡମ୍' ବିଭାଗରେ ଏକ ସ୍ପେଶାଲ୍ ଫଟୋ ଏକ୍‌ଜିବିଶନ୍‌କୁ ସ୍ଥାନ ଦିଆଯାଇଛି, ଯେଉଁଥିରେ ସ୍ୱତନ୍ତ୍ରତା ଆନ୍ଦୋଳନ ସମ୍ବନ୍ଧୀୟ ପ୍ରାୟ ୨୬୫ଟି ଫଟୋ ରହିଛି। 'ଭିଜୁଆଲ୍ ବାୟୋଗ୍ରାଫି ଅଫ୍ ଗାନ୍ଧିଜୀ' ବିଭାଗରେ ଗାନ୍ଧିଜୀଙ୍କର ପିଲାବେଳଠୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସମୟର ଫଟୋ, ପେଣ୍ଟିଙ୍ଗ୍ସ ଆଦିକୁ ସ୍ଥାନ ଦିଆଯାଇଛି। ତା'ଛଡ଼ା ଏହି ବିଭାଗରେ ଗାନ୍ଧିଜୀଙ୍କର ବିଭିନ୍ନ ମୂର୍ତ୍ତି ସହିତ ତାଙ୍କର ହାତଲେଖା ଚିଠିକୁ ବି ସାଇତି ରଖାଯାଇଛି। ଅନ୍ୟପକ୍ଷେ 'ରେଲିକ୍ସ ଆଣ୍ଡ ରେପ୍ଲିକାସ୍' ବିଭାଗରେ ଗାନ୍ଧିଜୀ ବ୍ୟବହାର କରୁଥିବା କେତେକ ଜିନିଷକୁ ଦେଖିବାକୁ ମିଳିଥାଏ। ଖାସ୍‌କରି ଏହି ବିଭାଗରେ ଗାନ୍ଧିଜୀଙ୍କ ମୃତ୍ୟୁ ସମୟର ସେହି ରକ୍ତଭିଜା ଧୋତିକୁ ଏକ ଭ୍ୟାକୁମ୍ ଗ୍ଲାସ୍ ବକ୍ସ ଭିତରେ ସାଇତି ରଖାଯାଇଛି। କିନ୍ତୁ କେହି କେହି ବି ଏହି ଧୋତିକୁ ସତ ନୁହେଁ ବରଂ ଏକ ନମୁନା ବୋଲି ମଧ୍ୟ କହୁଥିବା ଶୁଣିବାକୁ ମିଳୁଛି। ସେହିପରି ଏହି ମ୍ୟୁଜିୟମ୍‌ରେ ଏକ ଲାଇବ୍ରେରି ମଧ୍ୟ ରହିଛି, ଯେଉଁଠାରେ ଗାନ୍ଧିଜୀ ନିଜେ ଲେଖିଥିବା ତଥା ଗାନ୍ଧିଜୀ ଓ ଭାରତୀୟ ସଂସ୍କୃତି ଉପରେ ଆଧାରିତ ଥିବା ପୁସ୍ତକ ସବୁକୁ ସ୍ଥାନ ଦିଆଯାଇଛି। ତେଣୁ ଗାନ୍ଧୀ ଜୟନ୍ତୀ ଅବସରରେ ଏହି ମ୍ୟୁଜିୟମ୍‌କୁ ବୁଲିଯାଇ ଏଠାରେ ଥିବା ଜିନିଷ ସବୁକୁ ଦେଖିଲେ ଇତିହାସର ସ୍ମୃତି ସବୁ ପୁଣିଥରେ ଉଜ୍ଜୀବିତ ହୋଇଗଲା ପରି ନିଶ୍ଚୟ ମନେହେବ।




**ସାବରମତୀ ଆଶ୍ରମ ମ୍ୟୁଜିୟମ୍:** ଗୁଜରାଟର ଅହମଦାବାଦ୍‌ସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତ ବା ଶିଷ୍ୟମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଜଣେ କିପରି ନିଜର ବୁଦ୍ଧି ଖଟାଇ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିବ, ସେ ବିଷୟରେ ବି ସେମାନଙ୍କୁ ପରାମର୍ଶ ଦେଉଥିଲେ। ବିଶେଷକରି ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ଜ୍ଞାନ ପ୍ରଦାନ କରୁଥିଲେ। 'ଖଟି ଖାଅ କାଟି ପିନ୍ଧ' ଥିଲା ଗାନ୍ଧିଜୀଙ୍କର ବାଣୀ। ସେଥିପାଇଁ ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ଫଳରେ ଅନେକ ଲୋକ ଏଥିରୁ ଉପକୃତ ହେଉଥିଲେ। ତେବେ ଗାନ୍ଧିଜୀଙ୍କ ସ୍ମୃତିରେ ଏହି ଆଶ୍ରମରେ ଏକ ସଂଗ୍ରହାଳୟ ମଧ୍ୟ ରହିଛି; ଯାହା ଗାନ୍ଧୀ ସ୍ମାରକ ସଂଗ୍ରହାଳୟ ନାମରେ ପରିଚିତ। ଏହି ସଂଗ୍ରହାଳୟରେ ପର୍ଯ୍ୟଟକ ଗାନ୍ଧିଜୀଙ୍କ ବାଲ୍ୟକାଳରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସମୟର ଅନେକ ଫଟୋ, ଗାନ୍ଧିଜୀଙ୍କର ଅନେକ ହାତଲେଖା ଚିଠି, ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଧାରିତ ବହୁ ପୁସ୍ତକ ତଥା ଅନେକ କଳାକୃତି ଆଦି ବୁଲି ଦେଖିପାରିବେ। ତେଣୁ ଗାନ୍ଧୀ ଜୟନ୍ତୀ ଅବସରରେ ପର୍ଯ୍ୟଟକ ଏହି ଆଶ୍ରମକୁ ବୁଲିଯାଇ ଅନେକ ନିଆରା ଅନୁଭୂତି ସାଉଁଟି ପାରିବେ।

କେବଳ ଏତିକି ନୁହେଁ, ନୂଆ ଦିଲ୍ଲୀରେ ଥିବା ଗାନ୍ଧୀ ସ୍ମୃତି ଦର୍ଶନ ସମିତି, ଗୁଜରାଟର ପୋରବନ୍ଦରରେ ଥିବା କୀର୍ତ୍ତି ମନ୍ଦିର ତଥା ପାଟନାରେ ଥିବା ଗାନ୍ଧୀ ସ୍ମାରକ ସଂଗ୍ରହାଳୟ ଆଡ଼େ ବି ବୁଲିଯାଇ ପର୍ଯ୍ୟଟକ ଗାନ୍ଧିଜୀଙ୍କ ସମ୍ପର୍କରେ ଅନେକ କିଛି ତଥ୍ୟ ଜାଣିପାରିବେ।









# ଟ୍ରାଭେଲ୍ ପିଲ୍ଲୋ



ଅନେକ ସମୟରେ ଦୂରଯାତ୍ରା କରିବା ବେଳେ ବହୁତ କ୍ଲାନ୍ତ ଅନୁଭବ ହୁଏ। ଆଉ ଆଖିକୁ ନିଦ ଆପେ ଆସିଯାଏ। କିନ୍ତୁ ବସିକି ଶୋଇ ହୁଏନା, ଯଦି ବି ନିଦ ଲାଗିଯାଏ ତେବେ ଅଜାଣତରେ ଆଉ କାହା କାନ୍ଧ ଉପରେ ଶୋଇଯାଇଥାଉ। ଫଳରେ ବହୁତ ଖରାପ ଲାଗେ। ତେଣୁ ଏଭଳି ସ୍ଥିତିକୁ ଏଡ଼ାଇବା ପାଇଁ ତିଆରି ହୋଇଛି ଟ୍ରାଭେଲ୍ ପିଲ୍ଲୋ। ଏହି ଟ୍ରାଭେଲ୍ ପିଲ୍ଲୋ ୟୁ, ଜେ ଅବା ଗୋଲାକାର ଶେପ୍‌ରେ ଉପଲବ୍ଧ ହୋଇଥାଏ। ଏହାକୁ ବେକରେ ଗୁଡ଼େଇ ବସି ବସି ଆରାମରେ ତା’ ଉପରେ ମୁଣ୍ଡ ରଖି ଶୋଇପାରିବେ। ଏହାଦ୍ୱାରା ଢୁଳେଇ କି ମୁଣ୍ଡ ଆଗକୁ ଝୁଙ୍କି ନ ଥାଏ। ଏହି ତକିଆ ବହୁତ ନରମ ଓ ଆରାମଦାୟକ ହୋଇଥାଏ।









## କାର୍ଟୁନ କର୍ନର



# ମୋ ଚାରି ସ୍ତ୍ରୀ ଙ୍କ କଥା !

ମୋର ଚାରିଟା ସ୍ତ୍ରୀ ମୁଁ କିନ୍ତୁ ବେଶୀ ଭଲ ପାଏ ମୋ ଚତୁର୍ଥ ସ୍ତ୍ରୀଙ୍କୁ। ସେ ମୋର ପ୍ରାଣ। ତା'ରି ପାଖରେ ମୁଁ ମୋର ଅଧିକାଂଶ ସମୟ ବିତାଏ। ବେଶୀ ଭଲ ପାଇବା କାରଣରୁ ସେ କେମିତି ଭଲ ଖାଇବ, ଭଲ ପିନ୍ଧିବ, ଭଲରେ ରହିବ ସେଥିପ୍ରତି ମୁଁ ପୁରା ସଜାଗ ଥାଏ।

ମୋ ତୃତୀୟ ସ୍ତ୍ରୀ ଦେଖିବାକୁ ଖୁବ ସୁନ୍ଦର। ଚତୁର୍ଥ ସ୍ତ୍ରୀକୁ ପ୍ରାଣରେ ସ୍ଥାନ ଦେଇଥିବାବେଳେ ସୁନ୍ଦରୀ ତୃତୀୟ ସ୍ତ୍ରୀକୁ ମୁଁ ହୃଦୟ ଭରି ଭଲ ପାଏ। ସୁନ୍ଦରୀ ହୋଇଥିବା କାରଣରୁ ଅଫିସ କାମରେ କୁଆଡେ ବୁଲରେ ଗଲେ ମୁଁ ଏଇ ସ୍ତ୍ରୀ କୁ ସାଙ୍ଗରେ ନେଇଯାଏ। ଦ୍ୱିତୀୟ ସ୍ତ୍ରୀଟି ମୋର ବେଶ୍ ବୁଦ୍ଧିମତୀ। ସତେ ଯେମିତି ଚାଣକ୍ୟ। ବିଭିନ୍ନ ବିପଦ କିମ୍ବା ଅସୁବିଧା ସମୟରେ ମୁଁ ତାରି ଠୁଁ ବୁଦ୍ଧି ଗ୍ରହଣ କରେ। ମୁଁ ତାକୁ ଗଭୀର ଭଲ ପାଏ।

ପ୍ରଥମ ବା ଶେଷ ସ୍ତ୍ରୀକୁ ମୁଁ ବାହା ହୋଇଛି ସତ କିନ୍ତୁ ତା' ଠେଇଁ ମନ ମୋର ଆଦୌ ନ ଥାଏ। ସେ ସବୁବେଳେ ମୋତେ ମରହଟିଆ କଥା ମାନ କହେ। ମଦ ପିଅନା, ଖରାପ ଲୋକଙ୍କ ସାଙ୍ଗେ ସାଙ୍ଗ ହୁଅନା, ସଅଳ ଶୋଇ ସଅଳ ଉଠ, ଇଶ୍ୱରଙ୍କୁ ପ୍ରାର୍ଥନା କର, ଗୀତା ଭାଗବତ ଟିକେ ପଢ଼, ଯୋଗାସନ ଓ ପ୍ରାଣାୟାମ କର... ଦିନ ରାତି ଏମିତି କେତେ କଥା ଉପଦେଶ ଦେଇ ମୋ ମୁଣ୍ଡକୁ ଖରାପ କରିଦିଏ। ଯୁଗ ଆସି କୋଉଠି ପହଂଚିଲାଣି। ସେ କହିବ ଅମକ କରନା.. ସମକ କରନା। ଏଗୁଡ଼ିକ ମୋ ପାଇଁ ଭାରି ବିରକ୍ତକର।

ଅତ୍ୟଧିକ ନିଶା ପାନ କାରଣରୁ ଦିନେ ମୁଁ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହେଲି। ଡାକ୍ତରଙ୍କ ଶତ ଚେଷ୍ଟା ସତ୍ତ୍ୱେ ରୋଗ ଭଲ ନ ହେବାରୁ ମୁଁ ବଂଚିବାର ସକଳ ଆଶା ଛାଡ଼ି ରୋଗଶଯ୍ୟାରେ ପଡି ମୃତ୍ୟୁର ଦିନ ଗଣିବାରେ ଲାଗିଲି। ଦିନେ ଜଣେ ସନ୍ଥ ମୋ ପାଖକୁ ଆସି ଗୋଟିଏ ଅଦ୍ଭୁତ ପ୍ରଶ୍ନ



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ ଜୀ

ପଚାରିଲେ –କହିଲ, ମରିବା ପରେ ତୁମ ସହିତ ଯଦି ତୁମ ସ୍ତ୍ରୀମାନଙ୍କୁ ସାଙ୍ଗରେ ନେଇ ଯିବାର ସୁଯୋଗ ପ୍ରଦାନ କରାଯାଏ ତେବେ ତୁମ ସହିତ କେତେ ଜଣ ସ୍ତ୍ରୀ ଯିବେ? ମୁଁ ଚଟାପଟ ଉତ୍ତର ଦେଲି – ତିନି। ମହାରାଜ ହସିଲେ। କହିଲେ ହଉ, ସେମାନଙ୍କୁ ଟିକେ ପଚାରି ବୁଝି ସଠିକ ଉତ୍ତରଟା ମୋତେ ସଂଧ୍ୟା ବେଳକୁ ଦେବ।

ସନ୍ଥ ଙ୍କ କଥା ମାନି ସବୁଠୁ ଅଧିକ ଭଲ ପାଉଥିବା ଚତୁର୍ଥ ସ୍ତ୍ରୀକୁ ପାଖକୁ ଡାକି କହିଲି – ତୁମେ ତ ଜାଣିଛ ମୁଁ ତମକୁ କେତେ ଭଲ ପାଏ। ମରିଗଲା ପରେ ତୁମ ବିନା ମୁଁ ଆଦୌ ରହିପାରିବି ନାହିଁ। ତେଣୁ ଭାବୁଛି ମଲା ବେଳେ ତୁମକୁ ମୁଁ ମୋ ସାଙ୍ଗରେ ନେଇଯାନ୍ତି। ମୋ ସାଙ୍ଗରେ ଯିବା ପାଇଁ ତୁମେ ରାଜି ତ? ଏକଥା କୁ ଶୁଣିବା କ୍ଷଣି ଚତୁର୍ଥ ସ୍ତ୍ରୀ ତା ମୁହଁକୁ ମୋଡି କହିଲା, ତୁମେ ମଲା ପରେ ମୁଁ ମୋ ବାପଘରକୁ ସିଧା ପଳେଇବି। ମୁଁ ବଞ୍ଚି ଥାଉ ଥାଉ କାହିଁକି ମରିବି?

ରୋଗ ଯନ୍ତ୍ରଣାର ଦୁଃଖ ଠୁଁ ବଳିଗଲା ଚତୁର୍ଥ ସ୍ତ୍ରୀର ଉତ୍ତର। ବସ୍ତୁତ ଆଘାତ ଲାଗିଲା ଏହା ଶୁଣି। ଆଖିରୁ ଲୁହ ଝର ଝର ହୋଇ ଝଡି ପଡିଲା।

ତଥାପି ମନକୁ ବୁଝାଇ କହିଲି ମୋର ପରା ତୃତୀୟ ସ୍ତ୍ରୀ ଅଛି। ସେ ନିଶ୍ଚୟ ମୋ କଥାରେ ରାଜି ହେବ।

ତୃତୀୟ ଅର୍ଥାତ ସୁନ୍ଦରୀ ସ୍ତ୍ରୀକୁ ପାଖକୁ ଡାକି ସବୁକଥା କହିଲି। ଏ କଥା ପଚାରୁ ପଚାରୁ ସେ ତା'ର ଚୁଲବୁଲି ଆଖି ଡୋଳାକୁ ନଚେଇ କହିଲା – ମୋତେ ତୁମ ଅପେକ୍ଷା ଆହୁରି ଅଧିକ ଭଲ ପାଉଥିବା ଲୋକ ଏ ଦୁନିଆ ରେ ଅଛନ୍ତି। ମୁଁ କାହିଁକି ତୁମ ସହ ଯିବି। ତୁମେ ମରିବା କ୍ଷଣି ମୁଁ ଆଉ କାହା ସାଙ୍ଗରେ ପଳେଇବି।

ତା କଥା ଶୁଣି ମୋ ମୁଣ୍ଡ ଖାଇଁ ମାରିଗଲା ଭଳି ଲାଗିଲା। କ'ଣ ଏ କାନ ନ ଶୁଣିଲା ! ମୋ ଭଲ ପାଇବାର ପୁରସ୍କାର କଣ ଏଇୟା ? ତଥାପି ଆଶା ନ



ହରାଇ ଦ୍ୱିତୀୟ ସ୍ତ୍ରୀ ଉପରେ ଭରସା ରଖିଲି। ଏ ଦି ଜଣ ନ ଗଲେ ନାହିଁ, ମୋ ବୁଦ୍ଧିମତୀ ଦ୍ୱିତୀୟ ସ୍ତ୍ରୀ ନିଶ୍ଚେ ମୋ ସହିତ ଯିବାକୁ ହଁ ମାରିବ। କିନ୍ତୁ ବଡ ବିଚିତ୍ର କଥା, ମୋ କଥା ଶୁଣି ସେ ଚିଙ୍କି ଉଠିଲା। ମୁହଁ ଛିଞ୍ଚାଡି କହିଲା – ତୁମେ ତ ମରିବ। ଯିବ। ମୁଁ ତୁମ ସହ କାହିଁକି ଯିବି? ତା ଛଡା ମୋ ଭିତରେ ଥିବା ବୁଦ୍ଧି କେବଳ କଣ ଏକୁଟିଆ ତୁମ କାମରେ ଆସୁଛି ? ତୁମେ ଚାଲିଗଲା ପରେ ତୁମ ପରିବାର ବୁଦ୍ଧିଶୂନ୍ୟ ହୋଇଯିବେ। ମୁଁ ସିନା ବଞ୍ଚି ରହିଲେ ଆଗକୁ ବଢ଼ିବା ପାଇଁ ସେମାନଙ୍କୁ ଭରସା ଓ ସାନ୍ତ୍ୱନା ଦେବି – ଏତିକି କହି ସେ ପାଦକୁ କଚାଡି ଧୁଲ ଧୁଲ କରି ଘରଦ୍ୱାରକୁ କମ୍ପାଇ ବାହାରିଗଲା।

ଜୀବନରେ ଏପରି ଧୋକା ପୂର୍ବରୁ କେବେ ବି ମୁଁ ଖାଇ ନ ଥିଲି। ଯାହାଙ୍କୁ ମନ ଦେଇ ଅତ୍ୟନ୍ତ ଭଲ ପାଉଥିଲି, ସେମାନଙ୍କର ଏ ପ୍ରକାର ଭିନ୍ନ ରୂପ ଦେଖି ହୃଦୟଟା ମୋର କୋରି ହୋଇଗଲା ପରି ଲାଗୁଥାଏ। ମୁଁ ଆଉ ନିଜକୁ ସମ୍ଭାଳି ନ ପାରି ଶେଯରେ ମୁହଁ କୁ ଲୁଚାଇ କଅଁଳ ପିଲା ପରି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲି। ଠିକ ଏଇ ସମୟରେ କେହି ଜଣେ ମୋ ମୁଣ୍ଡକୁ ଆଉଁସି ଦେବା ପରି ଲାଗିଲା। ମୁହଁ ଟେକି ଦେଖେ ତ ମୋ ପାଖରେ ଠିଆ ହୋଇଛି ପ୍ରଥମ ସ୍ତ୍ରୀ ଯିଏ ମୋ ପାଇଁ ଥିଲା ସମ୍ପୂର୍ଣ୍ଣ ଅଲୋଡ଼ା ଆଉ ଅଭଲ ପାଇବାର ବସ୍ତୁ। ଅତ୍ୟନ୍ତ ବିଷର୍ଣ୍ଣ ବଦନରେ କହିଲା –କାଇଁ ବ୍ୟସ୍ତ ହେଉଛ। ଅନ୍ୟ କେହି ତୁମ ସହ ଯିବା ପାଇଁ ରାଜି ନ ହେଲେ ନାହିଁ। ମୁଁ ଯିବାକୁ ପ୍ରସ୍ତୁତ ଅଛି। ମୁଁ ପରା ତୁମ ଜୀବନ ସାଥି। ଜନ୍ମ ଜନ୍ମାନ୍ତରର ସମ୍ପର୍କ ଆମ ଦୁହିଁଙ୍କ ଭିତରେ। ଜୀବନ ସାରା ତୁମେ ମୋତେ ଅବହେଳା କଲେ ବି ମୁଁ କିନ୍ତୁ ତୁମର ସଦା ମଙ୍ଗଳ କାମନା କରେ। ଜୀବନରେ କରିଥିବା ଭୁଲକୁ ବୁଝିପାରି ତା ହାତକୁ ଧରି ଭୋ ଭୋ ହୋଇ କାନ୍ଦିବା ଛଡା ମୋ ପାଟିରୁ ପଦେ କଥା ବି ବାହାରିଲା ନାହିଁ। ଆପଣମାନେ ମୋ ଦୁଃଖ ଶୁଣି ନିଶ୍ଚେ ଭୋଳ ବା ଦୁଃଖୀ ହୋଇ ଯିବେଣି। କେହି କେହି ଭାବୁଥିବେ ଏ ଲୋକଟା ଅର୍ଥାତ ମୁଁ ଚାରିଟା ସ୍ତ୍ରୀ ବାହା ହେଉଥିଲି କାହିଁକି? ଆଜିକାର ମହରଗ ଯୁଗରେ ଗୋଟିଏ ସ୍ତ୍ରୀ ଓ ପରିବାର ଚଳେଇବା କାଠିକର ପାଠ। ଏଥିରେ ପୁଣି ଚାରିଟା ସ୍ତ୍ରୀ ! ଆରେ ବାପରେ ବାପ !!

ଆଜ୍ଞା, ଆପଣ କେବେ ଭାବନ୍ତୁ ନାହିଁ ଯେ କେବଳ ମୋର ସ୍ତ୍ରୀ ସଂଖ୍ୟା ଚାରି ବୋଲି। ଆପଣ ସମସ୍ତ ଙ୍କର ବି ଚାରିଟା ଲେଖାଏଁ ସ୍ତ୍ରୀ ଅଛନ୍ତି। ତନ୍ମଧ୍ୟରୁ ତିନି ଜଣକୁ ଆମେ ସମସ୍ତେ ପ୍ରାଣ ଦେଇ ଭଲ ପାଉଛେ। ଆଉ ଜଣକୁ ଶେଷ ପର୍ଯ୍ୟନ୍ତ ବି ପଚାରୁନେ। ଯେଉଁ ତିନି ଜଣଙ୍କୁ ଆମେ ଗଭୀର ଭାବେ ଭଲ ପାଉଥାଏଁ ସେମାନେ ପ୍ରତି ମୁହୂର୍ତ୍ତରେ ଆମ୍ଭମାନଙ୍କୁ ଠକି ଚାଲିଛନ୍ତି।

ଏବେ ସେ ସ୍ତ୍ରୀ ମାନଙ୍କ ନାଁ ଶୁଣନ୍ତୁ।

ଆମର ଚତୁର୍ଥ ସ୍ତ୍ରୀ ର ନାଁ ହେଉଛି –ଶରୀର। ଶରୀର ପ୍ରତି ଆସକ୍ତି ନ ଥିବା ବ୍ୟକ୍ତି ସଂସାରରେ ବିରଳ।

ତୃତୀୟ ସ୍ତ୍ରୀ ର ନାଁ ହେଉଛି –ଧନ ସମ୍ପତ୍ତି। ଘରୁ ପାଦ କାଢିଲା ମାତ୍ରେ ତା ସହଯୋଗ ଲୋଡ଼ା। ଆମେ ତାକୁ ସବୁବେଳେ ପାଖେ ପାଖେ ଗଣ୍ଠିଧନ କରି ରଖିଥାଉ। କିନ୍ତୁ ମରିଗଲା ପରେ ସେଗୁଡ଼ିକ ମୁହୂର୍ତ୍ତରେ ଆଉ କାହାର ହୋଇଯାଏ।

ଦ୍ୱିତୀୟ ସ୍ତ୍ରୀ ହେଉଛି – ଆମ ଆତ୍ମୀୟସ୍ୱଜନ। ବୁଦ୍ଧିମତୀ ସ୍ତ୍ରୀ ସେ। ବିପଦ ଆପଦରେ ପଡିଲେ ଆମେ ଭାଇ ବନ୍ଧୁ କୁଟୁମ୍ବ ଆଦିଙ୍କ ସାହାରା ନେଉ। ଆମେ ମରିଗଲା ପରେ କ୍ଷଣେ ଓଳିଏ ଏମାନେ କାନ୍ଦନ୍ତି। ସେମାନେ କେହି ବି ଆମ ସାଙ୍ଗରେ ଯାଆନ୍ତି ନାହିଁ। ତେବେ ମୃତ୍ୟୁ ସହ ଆମ ସାଙ୍ଗରେ କିଏ ଯାଏ ? ଯିଏ ଯାଏ ସେ ହିଁ ଉପରୋକ୍ତ କାହାଣୀର ପ୍ରଥମ ତଥା ଶେଷ ସ୍ତ୍ରୀ । ସେ ହେଉଛି ଆମ ଆତ୍ମା। ଜନ୍ମରୁ ସେ ଆମ ସହ ଅଛି। କିନ୍ତୁ ତା ସହ ଆମ ସମ୍ପର୍କ ଦୁର୍ବଳ। ଆମେ କିନ୍ତୁ ଶରୀର, ଧନ ସମ୍ପତ୍ତି ଓ ପରିବାର ଆତ୍ମୀୟସ୍ୱଜନଙ୍କ ମାୟାରେ ପଡି ତାକୁ ହତାଦର କରୁ।

ପାଠକେ ! ଆଜିଠୁ ଆମେ ଶପଥ ନେବା – ଅନ୍ୟ ତିନି ସ୍ତ୍ରୀର ମାୟାରେ କମ ପଡି ପ୍ରଥମ ସ୍ତ୍ରୀ ଅର୍ଥାତ ଆତ୍ମାକୁ ବେଶୀ ଭଲ ପାଇବା। ତା' ଉପଦେଶ ଶୁଣିବା ଏବଂ ମାନିବା। ଏହା ହିଁ ଆଜିର କରୋନାକାଳୀନ ଶିକ୍ଷା ହେଉ।

– ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ

## ପୁସ୍ତକ ସମୀକ୍ଷା

### ଶରତ ଗୀତି ସମଗ୍ର

ଲେଖକ- ପ୍ରଫେସର ଶରତ ଚନ୍ଦ୍ର ରଥ, ସଙ୍କଳନ- ବିଭୁ ପ୍ରସୂନ ଦାସ
ଦିବ୍ୟ ପ୍ରକାଶନୀ, ଭୁବନେଶ୍ୱର,ମୂଲ୍ୟ–୯୦୦ ଟଙ୍କା

ପ୍ରଫେସର ଶରତ ଚନ୍ଦ୍ର ରଥଙ୍କ 'ଶରତ ଗୀତି ସମଗ୍ର' ପ୍ରକାଶ ପାଇଛି। ଏଥିରେ ପ୍ରଫେସର ରଥଙ୍କର ଗୀତି କବିତାଗୁଡ଼ିକ ଏକାଠି କରାଯାଇଛି। ଲେଖକ ମାନବ ସମାଜ, ଜୀବନ କଥା, ମୂଲ୍ୟବୋଧ, ନୀତି, ଆଦର୍ଶ, ଆଧ୍ୟାତ୍ମିକତା ଓ ଜୀବନ ଦର୍ଶନର କଥା ତାଙ୍କ ଗୀତି କବିତାଗୁଡ଼ିକରେ ନିଚ୍ଛକ ଭାବେ ଅବତାରଣା କରିଛନ୍ତି। କବି ନିଜସ୍ୱ ଢଙ୍ଗରେ ନୂଆ ଭାବରେ ପ୍ରତୀକ, ମିଥକୁ ଏଭଳି ପ୍ରୟୋଗ କରିଛନ୍ତି ଯେ ସବୁ ଗୀତି କବିତା ବେଶ୍ ଭାବଦ୍ୟୋତକ ହୋଇପାରିଛି। ଯେମିତି କି 'ମାଟି ଘର', କର୍ମଫଳ ଯେବେ, ଶାନ୍ତ ବିଜନ ବେଳା, ତୁମେତ ଆସିଲ ନାହିଁ, ଶାକୁନ୍ତଳ ସୁନାମୁଦି ଓ ଜୀବନର ରଙ୍ଗ ଇତ୍ୟାଦି। ଶୂନ୍ୟତାର ଆତ୍ମୀୟ ଅବବୋଧକୁ ଆପଣେଇ ଖୁବ୍ ଚତୁରତାର ସହ ପରଷି ଦେବାର ସୂକ୍ଷ୍ମ କଳାରେ ପ୍ରଫେସର ରଥ ସିଦ୍ଧହସ୍ତ। ତାଙ୍କ ଗୀତିକବିତା ଜଗତରେ କ୍ଷୁଦ୍ର ମଧ୍ୟରେ ବିରାଟ ଉପଲବ୍ଧିର ସନ୍ଧାନ କରିଛନ୍ତି, ଏହା ହିଁ ମୂଳ ଓ ମୁଖ୍ୟ କଥା। ପ୍ରଫେସର ରଥଙ୍କର ଏହି ନୂତନ ଗୀତିକବିତା ସଙ୍କଳନ ନିଶ୍ଚୟ ପାଠକୀୟ ଶ୍ରଦ୍ଧା ଅର୍ଜନ କରିବ।

### ଭିଜା ଭିଜା ଅନ୍ତଃସ୍ୱର

ଲେଖକ- ସୁଜିତ କୁମାର ମିଶ୍ର, ପ୍ରକାଶକ- କାବ୍ୟଲୋକ,
ଭୁବନେଶ୍ୱର, ମୂଲ୍ୟ–୨୦୦ ଟଙ୍କା

'ଭିଜା ଭିଜା ଅନ୍ତଃସ୍ୱର' କବି ସୁଜିତ କୁମାର ମିଶ୍ରଙ୍କ କବିତା ସଂକଳନ। ଏଥିରେ ୭୧ଟି କବିତା ସ୍ଥାନିତ ହୋଇଛି। ବାପା, ମା', ଭାଇ ଓ ଜେଜେଙ୍କ ଭଳି ଆତ୍ମୀୟଙ୍କୁ ନେଇ ତାଙ୍କର କେତୋଟି କବିତା ଲେଖା ହୋଇଥିବାରୁ ଏଗୁଡ଼ିକର ଭାବଭୂମି ବେଶ୍ ଅନ୍ତରଙ୍ଗ ମନେହୁଏ। ଏହା କବିଙ୍କର ପ୍ରଥମ କାବ୍ୟ ପ୍ରୟାସ ହୋଇଥିଲେ ମଧ୍ୟ ଅନ୍ତରଙ୍ଗତାରେ ଚେତନାର ସ୍ୱାକ୍ଷର ବେଶ୍ ସ୍ପଷ୍ଟ। ଘନ ମେଘରେ ଚପଳାର ଚମକ ପରି ବୈଶାଖର ଦୀର୍ଘ ଶ୍ୱାସ, ପ୍ରେମ ନିଃସ୍ୱ ପୃଥିବୀ, କାଗଜର କାନ୍ଥ, କଥାର କସ୍ତୁରୀ, ମୌଳିକ ସହାନୁଭୂତି ଭଳି ଉପମାର ଉପସ୍ଥିତି ତାଙ୍କ କବିତ୍ୱକୁ ରସସିକ୍ତ କରିଛି। କବି ମିଶ୍ରଙ୍କ କାବ୍ୟ ପ୍ରୟାସ ପାଠକ ପାଠିକାଙ୍କ ବକ୍ଷଲଗ୍ନା ହୋଇପାରିବ ବୋଲି ଆଶା ଓ ବିଶ୍ୱାସ।










### ଉତ୍କଳ ପ୍ରଦୀପ

(ଓଡ଼ିଆ ପ୍ରତିଭା ପରିଚୟ)

ଲେଖକ- ବୀରେନ୍ଦ୍ର କୁମାର ସାମନ୍ତରାୟ, ପଞ୍ଚମ ଖଣ୍ଡ(ମ-ର) ,
ପଲ୍ଲୀପ୍ରଭା ପ୍ରକାଶନୀ, ପାଳସାହି, ଖୋର୍ଦ୍ଧା, ମୂଲ୍ୟ– ୧୦୦୦ ଟଙ୍କା

ଖ୍ରୀ.ପୂ.ତୃତୀୟ ଶତାବ୍ଦୀରୁ ବିଂଶ ଶତାବ୍ଦୀର ୮୦ ଦଶକ ପର୍ଯ୍ୟନ୍ତ ପ୍ରତିଭାଙ୍କୁ ଏହି ଖଣ୍ଡରେ ସ୍ଥାନ ଦିଆଯାଇଛି। ରତ୍ନଗର୍ଭା ଓଡ଼ିଶା ମାଟିରେ ଅନେକ ଯୋଗଜନ୍ମା ବରପୁତ୍ର ଜନ୍ମଲାଭ କରି ନିଜ ନିଜ ପ୍ରତିଭା ବଳରେ ପରିଚିତ ହୋଇପାରିଛନ୍ତି। ଏଭଳି ସୁଯୋଗ୍ୟ ସନ୍ତାନମାନଙ୍କ ସମ୍ପର୍କରେ ସୂଚନା ଫଟୋଚିତ୍ର ସେମାନଙ୍କ ଜନ୍ମ ତାରିଖ ଓ କୃତୀକୁ ସଂଗ୍ରହ କରି ପୁସ୍ତକ ଆକାରରେ ପ୍ରକାଶ କରିବା ଅଭିନବ ପ୍ରୟାସ ନୁହେଁ, ବରଂ ଦୁରୂହବ୍ୟାପାର। ଏ ପ୍ରକାର ଉଦ୍ୟମ ପାଇଁ ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟ ଧନ୍ୟବାଦାର୍ହ। ଆଲୋଚ୍ୟ ଖଣ୍ଡରେ 'ମ' ଠାରୁ 'ର' ପର୍ଯ୍ୟନ୍ତ ନାମର ପ୍ରଥମ ଅକ୍ଷର ଥିବା ବ୍ୟକ୍ତିବିଶେଷ ଯଥା ଲେଖକ, ପ୍ରକାଶକ, ଶିଳ୍ପୀ, ବୈଜ୍ଞାନିକ, ସାଧୁସନ୍ଥ ଏବଂ ସମାଜସେବୀ ଆଦିଙ୍କ ପ୍ରତିଭା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ସଙ୍କଳନଟି ପାଖରେ ଥିଲେ ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କର ଆତ୍ମ ବିବରଣୀ ଜାଣିବା ସହଜ ହୋଇପାରିବ। ଆଶା ସଙ୍କଳନଟି ସମସ୍ତଙ୍କ ପାଇଁ ଉପଯୋଗୀ ହେବ।









# ହବି ହର୍ସିଂ

ହର୍ସ ରେସ୍ ବା ଘୋଡ଼ା ଦୌଡ଼ ଦେଖିବାକୁ ଅନେକେ ପସନ୍ଦ କରନ୍ତି। କେହି କେହି ତ ନିଜେ ଘୋଡ଼ା ଦୌଡ଼ରେ ସାମିଲ ହେବାକୁ ଚାହାନ୍ତି। ତେବେ ଜାଣନ୍ତି କି ଯେଉଁମାନଙ୍କୁ ଘୋଡା ଦୌଡ ପସନ୍ଦ ଅବା ନିଜେ ଘୋଡା ଦୌଡରେ ସାମିଲ ହେବାକୁ ଚାହାନ୍ତି, ହେଲେ ଘୋଡ଼ା ଚଳାଇପାରନ୍ତି ନାହିଁ ସେମାନଙ୍କୁ ଫିନ୍‌ଲାଣ୍ଡରେ ହେଉଥିବା ଏକ ପ୍ରତିଯୋଗିତା ବେଶ୍ ଭଲ ଲାଗିବ। ଏହି ପ୍ରତିଯୋଗିତାରେ ସେମାନେ ଭାଗ ନେଇପାରିବା ସହ ନିଜକୁ ଏକ ଘୋଡ଼ା ଚାଳକ ଭଳି ଅନୁଭବ କରିପାରିବେ। ଏହି ପ୍ରତିଯୋଗିତାର ନାମ ହେଉଛି ହବି ହର୍ସିଂ। ଏଥିରେ ପ୍ରତିଯୋଗୀ ହାତରେ ଖେଳଣାର ଘୋଡ଼ା ମୁଣ୍ଡ, ଯାହା ସହ କାଠ ବାଡ଼ି ସଂଯୋଗ ହୋଇଥାଏ ତାକୁ ଧରି ନିଜେ ଘୋଡ଼ା ପରି ଦୌଡ଼ିବା ସହ ବାଟରେ ଥିବା ହର୍ଡଲ୍ସକୁ ଡେଇଁ ପାର୍ କରିବାକୁ ହୁଏ। ଘୋଡ଼ା ମୁଣ୍ଡକୁ ଦୁଇ ହାତରେ ଏଭଳି ଧରିଥାନ୍ତି ଯେ, ଲାଗେ ସତେ ଯେମିତି ପ୍ରତିଯୋଗୀ ଘୋଡ଼ାରେ ବସି ଦୌଡୁଛି। ଫିନ୍‌ଲାଣ୍ଡରେ ମହିଳାମାନଙ୍କ ଭିତରେ ଏହି ପ୍ରତିଯୋଗିତାକୁ ନେଇ ସ୍ୱତନ୍ତ୍ର କ୍ରେଜ୍ ଦେଖିବାକୁ ମିଳେ। ଆଉ ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଘଣ୍ଟା ଘଣ୍ଟା ଅଭ୍ୟାସ କରନ୍ତି। ପ୍ରାୟ ୧୦ ବର୍ଷ ହେବ ଏହି ପ୍ରତିଯୋଗିତା ଫିନ୍‌ଲାଣ୍ଡରେ ଆୟୋଜିତ ହେଉଛି।

ବ୍ୟାକ୍ ପେଜ୍

# ପିଠିରେ ସିଗ୍ନେଚର ଟାଟୁ

ଫ୍ଲୋରିଡାର ଜୁଆନ୍ ମତାସ୍ ଓରଫ ଫଙ୍କି ମତାସ୍ ଏବେ ତାଙ୍କ ଟାଟୁକୁ ନେଇ ବେଶ୍ ଚର୍ଚ୍ଚିତ। ଏମିତି ତ ଅନେକ ଲୋକ ଟାଟୁ କରୁଛନ୍ତି। କିନ୍ତୁ ଫଙ୍କି କରିଥିବା ଟାଟୁରେ ଅଛି କିଛି ସ୍ୱତନ୍ତ୍ରତା। ସେଥିପାଇଁ ତ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛନ୍ତି। ଫଙ୍କି ନିଜ ପିଠିରେ ଲୋକଙ୍କ ସିଗ୍‌ନେଚରର ସର୍ବାଧିକ ଟାଟୁ କରି ଏହି ରେକର୍ଡ କରିଛନ୍ତି। ଏହି ସିଗ୍‌ନେଚର ମଧ୍ୟରେ ୱିଲ୍ ସ୍ମିଥ୍, ଏଲିଜାହ୍ ଉଡ୍, ମାଇକେଲ୍ ଜେ.,



କ୍ରିଷ୍ଟୋଫର୍ ଲୟଡ, ଷ୍ଟିଭ୍ ଓ', ଗେରାର୍ଡ ବଟଲର୍‌ଙ୍କ ଭଳି ଅନେକ ସେଲିବ୍ରିଟିଙ୍କ ସିଗ୍ନେଚର ସାମିଲ ଅଛି। ଫଙ୍କି ନିଜେ ଜଣେ ଟାଟୁ ଆର୍ଟିଷ୍ଟ। ତେବେ କିଛି ଭିନ୍ନ କରିବାର ଇଚ୍ଛାରେ ସେ ନିଜ ପିଠିରେ ପରିବାର ସଦସ୍ୟ, ପ୍ରିୟ ମଣିଷ, ବିଭିନ୍ନ ଟାଟୁ ଆର୍ଟିଷ୍ଟଙ୍କ ସିଗ୍ନେଚର କରାଇବାକୁ ନିଷ୍ପତ୍ତି ନେଲେ। ଏହାପରେ ସେ ସେଲିବ୍ରିଟିଙ୍କ ପିଛା କରି ସେମାନଙ୍କୁ ତାଙ୍କ ପିଠିରେ ସିଗ୍ନେଚର କରିବାକୁ ନିବେଦନ କଲେ; ଯଦ୍ୱାରା ସେହି ସିଗ୍ନେଚର ଉପରେ ସେ ଟାଟୁ କରିପାରିବେ। ଆଉ ସିଗ୍ନେଚରଗୁଡ଼ିକ ତାଙ୍କ ପିଠିରେ ସବୁଦିନ ପାଇଁ ସ୍ଥାୟୀଭାବେ ରହିଯିବ। ବର୍ତ୍ତମାନ ତାଙ୍କ ପିଠିରେ ୨୨୫ ଜଣଙ୍କ ସିଗ୍ନେଚରର ଟାଟୁ ଅଛି।

# ସୁନା ଚେନ୍‌ରେ କେଶ

ମେକ୍ସିକୋର ର୍‌ୟାପର୍ ଦାନ୍ ସୁର୍‌ଙ୍କ ଚର୍ଚ୍ଚା ଏବେ ଜୋର୍ ଧରିଛି। ଏହି ଚର୍ଚ୍ଚା ତାଙ୍କର କୌଣସି ଗୀତକୁ ନେଇ ନୁହେଁ ବରଂ ତାଙ୍କର ନୂଆ ଲୁକ୍‌କୁ ନେଇ। କଥା କ'ଣ କି ସେ ନିଜ ମୁଣ୍ଡର ପ୍ରାକୃତିକ କେଶ ସ୍ଥାନରେ ସୁନାର ଚେନ୍ ଟ୍ରାନ୍ସପ୍ଲାଣ୍ଟ କରାଇଛନ୍ତି। ସାଧାରଣତଃ ର୍‌ୟାପର୍‌ମାନଙ୍କର ଭିନ୍ନ ଷ୍ଟାଇଲ୍ ସମସ୍ତଙ୍କୁ ଆକର୍ଷିତ କରିଥାଏ। ତେବେ ଏହି ଭିନ୍ନତା ଭିତରେ କିଛି ବିଶେଷଧରଣର ଭିନ୍ନତା ନିଜ ଭିତରେ ଆଣିବା ପାଇଁ ଦାନ୍ ଏଭଳି ପନ୍ଥା ଆପଣେଇଲେ। ଆଉ ନିଜର ସୁନ୍ଦର କେଶ ସ୍ଥାନରେ ସୁନା ଚେନ୍‌କୁ କେଶ ଭାବେ ପ୍ରତିରୋପଣ କରି ସାରା ପୃଥିବୀରେ ଚର୍ଚ୍ଚିତ ହେଲେ। ଖପୁରି ଉପର ଚର୍ମରେ ହୁକ୍ ଓ ଚର୍ମ ଭିତରେ ହୁକ୍ ଲଗାଇ ଏହି ଚେନ୍ ସବୁ ପ୍ରତିରୋପଣ କରାଯାଇଛି। ଏଭଳି ପ୍ରତିରୋପଣରେ ସଂକ୍ରମଣ, ଖପୁରିରେ ଜ୍ୱଳନର ଆଶଙ୍କା ରହିଛି। ଏହା ଆଦୌ ନିରାପଦ ନୁହେଁ ବୋଲି ମଧ୍ୟ ପ୍ଲାଷ୍ଟିକ୍ ସର୍ଜନ କହୁଛନ୍ତି। ଏହାଦ୍ୱାରା ବାହାରର ବ୍ୟାକ୍ଟେରିଆ ସହଜରେ ଶରୀରକୁ ପ୍ରବେଶ କରିପାରିବେ ବୋଲି ସେ କହନ୍ତି। ତା'ସହ ଖପୁରି ଚର୍ମ ତଳେ ଥିବା ହୁକ୍ ଓଜନିଆ ଚେନ୍‌କୁ ଧରି ରଖିଥିବାରୁ ଖପୁରିରେ ଫ୍ରାକ୍ଚର ହୋଇପାରେ। ଅବା ପର୍‌ମାନେଣ୍ଟ ହେୟାର୍ ଲସ୍ ବି ହୋଇପାରେ।

